ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.214 Bhubaneswar Tuesday, October 12, 2021 ୨୪ତମ ବର୍ଷ ସଂଖ୍ୟା–୨୧୪ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




ଭୁବନେଶ୍ୱରର ସ୍ୱେଚ୍ଛାସେବୀ ସଙ୍ଗଠନ 'ମନମ' ଫାଉଣ୍ଡେସନ ପକ୍ଷରୁ ଝାରପଡ଼ା ଜେଲ ପରିସରରେ କଏଦୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗୀତା

## ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଜେଇଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୧୧।୧୦(ପି.ଏନ): ଆୟ ବହିର୍ଭୁତ ସମ୍ପତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଗ୍ରାମ ପଂଚାୟତ ବୈଷୟିକ ସହାୟକ (ଜିପିଟିଏ) ବିକାଶ ବେହେରାଙ୍କ ଘରେ ଚଢାଉ କରାଯାଇଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆ ଯାଇଛି । ଏହି ଚଢାଉ ସମୟରେ ତାଙ୍କର ପ୍ରାୟ ୬୦ଟି ପ୍ଲଟ ସମେତ ଅନ୍ୟାନ୍ୟ ସମ୍ପତି ଥିବା ଜଣାପଡ଼ିଛି ।ଭିଜିଲାନ୍ସ ବିଭାଗରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ଭିଜିଲାନ୍ସର ୩ଟି ଟିମ ବାଲାମସ୍ଥିତ ବିକାଶଙ୍କ ଘର ସମେତ ଜିଲ୍ଲାର ୩ଟି ସ୍ଥାନରେ ଏକ ସମୟରେ ଚଢଉ କରିଥିଲେ । ବର୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ବିକାଶଙ୍କର ଗୋଟିଏ ଦୁଇ ମହଲା କୋଠା, ୬୦ଟି ପ୍ଲଟ, ଗୋଟିଏ ଚାରିଚକିଆ ଯାନ ଅଛି । ଏହା ସହିତ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଛି ।। ଟିମରେ ୪ ଜଣ ଡିଏସପି, ୨ ଜଣ ଇନ୍ସପେକ୍ଟର ଅଛନ୍ତି ।

## ବିଧାୟକମାନଙ୍କ ପାଇଁ ନିର୍ମାଣ ହେବ ବହୁତଳବିଶିଷ୍ଟ ଆବାସିକ ଗୃହ

ଭୁବନେଶ୍ୱର, ୧୧।୧୦(ପି.ଏନ): ବିଧାୟକମାନଙ୍କ ପାଇଁ ଆବାସିକ ଗୃହ ନିର୍ମାଣ କରି ସେମାନଙ୍କୁ ଆବଂଟନ କରିବାକୁ ସରକାରୀ ସ୍ତରରେ ନିଷ୍ପତି ନିଆଯାଇଛି । ଭୁବନେଶ୍ୱରରେ ପର୍ଯ୍ୟାପ୍ତ ଗୃହ ନଥିବାରୁ ବିଧାୟକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିରୁ ଏହାର ସ୍ଥାୟୀ ସ ମାଧାନ ପାଇଁ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି ।ଆଜି ଏ ସଂକ୍ରାନ୍ତୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଚସ୍ପତି ଡ. ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଥାଇ ଭୁବନେଶ୍ୱର କେନ୍ଦ୍ର ସ୍ଥଳରେ ଏକ ବହୁତଳବିଶିଷ୍ଟ ଆବାସିକ ଗୃହ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ସରକାରଙ୍କ ତରଫରୁ ଏଥି ପାଇଁ ୭୦ କୋଟି ଟଙ୍କା ଆବଂଟିତ ହୋଇଥିବା ସ୍ଥଳେ ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୪୦୦ କୋଟି ଟଙ୍କା ରହିଛି । ଅତିରିକ୍ତ ବଜେଟ୍ ରେ ସରକାରଙ୍କ ତରଫରୁ ୫୦ କୋଟି ଟଙ୍କା ଅଲଗା ଏକ ହେଡ୍ ଅଫ୍ ଆକାଉଂଟରେ ପ୍ରଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି । କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ପୂର୍ତ ବିଭାଗ ନିର୍ଦ୍ଦେଶକ, ଇଷ୍ଟେଟ୍ ବିଭାଗ ନିର୍ଦ୍ଦେଶକ, ଓଡ଼ିଶା ହାଉସିଂ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖଙ୍କ ସମେତ ବିଧାନସଭା ସଚିବ ଦାଶରଥୀ ଶତପଥୀ ଯୋଗଦେଇଥିଲେ ।

## ଓଡିଶାରୁ ଫେରୁଛି ମୌସୁମୀ

ଭୁବନେଶ୍ୱର, ୧୧।୧୦(ପି.ଏନ): ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତନ ଆରମ୍ଭ ହୋଇସାରିଛି । ଏବେ ସୁଦ୍ଧା ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର ଓ ନୂଆପଡ଼ାରୁ ମୌସୁମୀ ସଂପୂର୍ଣ୍ଣଭାବେଫେରିଯାଇଛି । ସେହପରି ଅନୁଗୁଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ଢେଙ୍କାନାଳ ଓ ମୟୁରଭଞ୍ଜରୁ ଅଧାରୁ ଅଧିକ ଅଂଚଳରୁ ମୌସୁମୀ ପ୍ରତ୍ୟାବର୍ତନ କରିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।ଆସନ୍ତା ଦୁଇ ଦିନରେ ରାଜ୍ୟର ଅବଶିଷ୍ଟ ଜିଲ୍ଲାଗୁଡ଼ିକରୁ ମୌସୁମୀର ପ୍ରତ୍ୟାବର୍ତନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।ସୂଚନାଯୋଗ୍ୟ,ଜୁନ୍ ୩ ତାରିଖରେ କେରଳ ଛୁଇଁ ଥିଲା ମୌସୁମୀ ବାୟୁ । ମୌସୁମୀ କେରଳ ଛୁଇଁବାର ପାଖାପାଖି ୧୦ ଦିନ ପରେ ଓଡ଼ିଶାରେ ପହଂଚିଥିଲା ।

## ଗୋଟିଏ ଦିନରେ ୪୪୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୪୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୨୧୪୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୫୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୮ ହଜାର ୭୯୪ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୦୮୭ ରହିଛି । ଆଜି ଚିହ୍ନଟ ହୋଇଥିବା ୪୪୮ ଜଣଙ୍କ ମଧ୍ୟରୁ ୨୫୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୦୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨, ବାଲେଶ୍ୱରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧, ଭଦ୍ରକରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୪୮ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪, ଗଜପତି ଜିଲ୍ଲାରୁ ୧, ଗଂଜାମ ଜିଲ୍ଲାରୁ ୧,ଜଗତସିଂହପୁର ଜିଲ୍ଲାରୁ ୧୯ ଜଣ, ଯାଜପୁରରୁ ୧୨ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇ ହୋଇଛନ୍ତି। ଖୋର୍ଦ୍ଧାରୁ ୨୦୮ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୟାଗଡ଼ରୁ ୪ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡ଼ାରୁ ୨, ପୁରୀରୁ ୧୨ ଜଣ, ରାୟଗଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୯ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ୍ ପୁଲରୁ ୫୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୬ଟି ବୃହତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର, ୧୧।୧୦(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା କ୍ୟାବିନେଟ୍ ବୈଠକରେ ରାୟଗଡା, ବୌଦ୍ଧ , କନ୍ଧମାଳ ଓ ଗଂଜାମ ଜିଲ୍ଲାର ୬ଟି ବୃହତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ମଂଜୁରୀ ମିଳିଛି । ଗଞ୍ଜାମ ଜିଲ୍ଲାର ୪ଟି ବ୍ଲକ୍ ର ୩୦୪ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ନିମନ୍ତେ ୩୨୫.୭୫ କୋଟି ଟଙ୍କା ମୂଲ୍ୟର ଗ୍ରାମୀଣ ପାଇପ ଜଳ ପ୍ରକଳ୍ପକୁ ଅନୁମୋଦିତ କରିଛି । ଏହି ପ୍ରକଳ୍ପ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ ଏବଂ ଏହା ଦ୍ୱାରା ୬.୬ ଲକ୍ଷ ଲୋକ ଉପକୃତ ହେବେ । ସେହିପରି ରାୟଗଡା ଜିଲ୍ଲାର ରାୟଗଡ଼ା ଏବଂ କାଶିପୁର ବ୍ଲକ୍ ର ୪୭୪ଟି ଗ୍ରାମର ୧.୫୭ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଇବା ନିମନ୍ତେ ୨୯୮.୬୯ କୋଟି ଟଙ୍କା ମୂଲ୍ୟର ଗ୍ରାମୀଣ ପାଇପ ଜଳ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବାର ଲକ୍ଷ୍ୟ ରହିଛି । ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ୯୭୫ଟି ଗ୍ରାମର ୨.୭୯ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଇବା ନିମନ୍ତେ ୬୫୭.୫୭ କୋଟି ଟଙ୍କା ମୂଲ୍ୟର ଗ୍ରାମୀଣ ପାଇପ ଜଳ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବାର ଲକ୍ଷ୍ୟ ରହିଛି ।

## ରାଜଧାନୀରେ କରୋନା ସଂକ୍ରମଣ ବଢିବା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇଲା

ଭୁବନେଶ୍ୱର, ୧୧।୧୦(ପି.ଏନ): ଭୁବନେଶ୍ୱରରେ କରୋନା ସଂକ୍ରମଣ ସଂଖ୍ୟା ହ୍ରାସ ପାଉ ନାହିଁ । ରାଜ୍ୟରେ ଚିହ୍ନଟ ହେଉଥିବା ଦୈନିକ ସଂକ୍ରମଣର ୪୦ ପ୍ରତିଶତ କେବଳ ଭୁବନେଶ୍ୱରରୁ ଆସୁଛି ।ଏହା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇ ଦେଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବାରମ୍ବାର ଚେତାଇବା ସତ୍ୱେ ଲୋକମାନେ ହାଟ ବଜାରରେ ଭିଡ଼ କରୁଥିବାରୁ ଏପରି ହେଉଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସେ ପୁଣି ଥରେ ଲୋକଙ୍କୁ ସତର୍କ ରହିବାକୁ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ, ପାର୍ବଣ ସମୟରେ ଗହଳି ନ କରିବା ପାଇଁ ଆମେ ଲୋକ ମାନଙ୍କୁ ସଚେତନ କରାଇବା ସତ୍ୱେ ହାଟ ଓ ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି । ଏହା ଦ୍ୱାରା ପୁଣି ଥରେ ସଂକ୍ରମଣ ବଢିବାର ସମ୍ଭାବନା ଦେଖା ଯାଉଛି । ଗତକାଲି ଭୁବନେଶ୍ୱରରେ ସଂକ୍ରମଣ ଉପର ମୁହାଁ ହୋଇଥିବାର ନଜିର ସାମ୍ନାକୁ ଆସିଛି । ମାତ୍ର ଏପରି ସ୍ଥିତିରେ ଲୋକମାନେ ସଚେତନ ହେଉ ନଥିବାରୁ କମିଶନରେଟ ପୋଲିସକୁ କଟକଣା ବଢ଼ାଇବା ପାଇଁ କୁହାଯାଇଛି । କିପରି ଲୋକମାନେ ବାହାରେ ଗହଳି ନ କରିବେ, ଭିଡ଼କୁ ରୋକି ହେବ ସେ ନେଇ ଯୋଜନା ପ୍ରସ୍ତୁତ କରିବାକୁ ଆମେ ନିର୍ଦ୍ଦେଶ ଦେଇଛୁ । ବାହାରେ ଅଯଥା ଗହଳି କରନ୍ତୁ ନାହିଁ ବୋଲି ସେ କହିଛନ୍ତି।

## ଠିକା କର୍ମଚାରୀଙ୍କୁ ପ୍ରଥମ ବର୍ଷରୁ ମିଳିବ ଅଧିକ ୫୦ % ଦରମା

ଭୁବନେଶ୍ୱର, ୧୧।୧୦ (ପି.ଏନ): ଏଣିକି ଠିକା କର୍ମଚାରୀଙ୍କୁ ଇନିସିଆଲ ଆପଏଂଟି କୁହାଯିବ ବୋଲି ନିଷ୍ପତି ହୋଇଥିବା କହିଛନ୍ତି ମନ୍ତ୍ରୀ ପ୍ରତାପ ଜେନା । ସମସ୍ତ ଠିକା କର୍ମଚାରୀଙ୍କୁ ପ୍ରଥମ ବର୍ଷରୁ ଅଧିକ ୫୦ ପ୍ରତିଶତ ଦରମା ପ୍ରଦାନ କରାଯିବ। ପୂର୍ବ ନିୟମ ଅନୁସାରେ ୬ ବର୍ଷ ପରେ ନିୟମିତ ହେବେ ଠିକା କର୍ମଚାରୀ । ତେବେ ଠିକା କର୍ମଚାରୀଙ୍କୁ ପ୍ରଥମ ବର୍ଷରୁ ୫୦ ପ୍ରତିଶତ ଅଧିକ ଦେବାକୁ ହେଲେ ବାର୍ଷିକ ୨୫୦ କୋଟି ଖର୍ଚ୍ଚ ହେବ। ନିୟମିତ କର୍ମଚାରୀଙ୍କ ଭଳି ମେଡିକାଲ ଖର୍ଚ୍ଚ ପାଇବେ ଠିକା କର୍ମଚାରୀ।

## ପ୍ରଥମ ଓଡିଆ ଭାବେ ପରାଶର ମହାନ୍ତି ପାଇଲେ ଜାତୀୟ ବିଜ୍ଞାନ ଏକାଡେମୀ ଶିକ୍ଷକ ପୁରସ୍କାର

ଭୁବନେଶ୍ୱର, ୧୧।୧୦(ପି.ଏନ): ଭାରତୀୟ ବୈଷୟିକ ପ୍ରତିଷ୍ଠାନ (ଆଇଆଇଟି)ର ଗଣିତ ଓ ପରିସଂଖ୍ୟାନ ବିଭାଗ, କାନପୁର, ଉତର ପ୍ରଦେଶଠାରେ ପ୍ରଫେସର ରୂପେ କାର୍ଯ୍ୟରତ ଡକ୍ଟର ପରାଶର ମହାନ୍ତି ସମ୍ମାନଜନକ ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ ଶିକ୍ଷକ ପୁରସ୍କାର-୨୦୨୧ ଲାଭ କରିଛନ୍ତି । ଏପରି ବିରଳ କୃତିତ୍ୱ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡିଆ । ଭାରତୀୟ ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଏବଂ ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନଗୁଡିକରେ ଶିକ୍ଷାଦାନର ମାନକୁ ସ୍ୱୀକୃତି ଦେବା ସହ ଶିକ୍ଷାଦାନର ଗୁଣବତା ମୂଲ୍ୟାୟନ ତଥା ନିରବଚ୍ଛିନ୍ନତା ଦିଗରେ କାର୍ଯ୍ୟ କରୁଥିବା ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ ( ଆଇଏନ୍ଏସ୍ଏ ) ଦ୍ୱାରା ଉକ୍ତ ପୁରସ୍କାରର ଆରମ୍ଭ କରାଯାଇଛି । ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଯେଉଁ ଶିକ୍ଷକମାନେ ଛାତ୍ରମାନଙ୍କ କ୍ୟାରିଅରକୁ ଆଗେଇ ନେବାରେ ମାର୍ଗଦର୍ଶନ କରିବା ସହ ସେମାନଙ୍କୁ ଅନୁପ୍ରାଣିତ ଓ ଉତ୍ସାହିତ କରିଛନ୍ତି, ସେମାନଙ୍କ ନିଷ୍ଠାପର ବୃତିକୁ ସ୍ୱୀକୃତି ଦେବା ଏବଂ ସେହି କୃତି ଶିକ୍ଷକମାନଙ୍କୁ ସମ୍ମାନିତ କରିବା ଏହି ପୁରସ୍କାରର ଲକ୍ଷ୍ୟ ଅଟେ । ମେଡିକାଲ ଏବଂ ଇଂଜିନିୟରିଂ ବିଜ୍ଞାନ ସମେତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରତ୍ୟେକଟି ବିଭାଗ ଉକ୍ତ ପୁରସ୍କାର ଅଧୀନରେ ଆସିଥାଏ । ବର୍ଷରେ ୧୫ ଟି ପର୍ଯ୍ୟନ୍ତ ପୁରସ୍କାର ଦେବାର ବ୍ୟବସ୍ଥା ଏଥିରେ ରହିଛି ।

## ରାଜ୍ୟ କ୍ୟାବିନେଟ ବୈଠକରେ ୧୬ଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ

ଭୁବନେଶ୍ୱର, ୧୧।୧୦(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଶେଷ ହୋଇଛି । ବୈଠକରେ ୧୬ ପ୍ରସ୍ତାବକୁ ମଂଜୁରୀ ମିଳିଥିବା ନେଇ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ଅର୍ଥ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ସାଧାରଣ ପ୍ରଶାସନ, ଗୃହ ଓ ଅବକାରୀ ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ପଂଚାୟତିରାଜ, ଶ୍ରମ ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବେଳେ ଷୋଡ଼ଶ ବିଧାନସଭାର ସତ୍ରାବସାନକୁ ମଧ୍ୟ ମଞ୍ଜୁରୀ ମିଳିଥିବା ନେଇ ସୂଚନା ମିଳିଛି ।ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଓଡିଶା ଜିଲ୍ଲା ଆରକ୍ଷୀ ଅମଲା ସେବା (ନିଯୁକ୍ତି ପ୍ରଣାଳୀ ବଂ ଚାକିରି ସର୍ତାବଳୀ) ନିୟମାବଳୀ ୨୦୨୧ ପ୍ରସ୍ତୁତି କୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି । ସେହିପରି ଜାତୀୟ ପେନସନ୍ ସିଷ୍ଟମ୍ ଅଧିନସ୍ଥ ରାଜ୍ୟ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ସରକାରଙ୍କ ମାସିକ ଅବଦାନକୁ ୧୦ ପ୍ରତିଶତରୁ ୧୪ ପ୍ରତିଶତକୁ ବୃଦ୍ଧି କରାଯାଇଛି । ଏହା ୧.୪.୨୦୧୯ରୁ ଲାଗୁ କରାଯାଇଛି । ଏହା ଫଳରେ ୨.୦୮ ଲକ୍ଷ ରାଜ୍ୟ ସରକାରୀ କର୍ମଚାରୀ ଉପକୃତ ହେବେ । ସେବା ଅବଧି ମଧ୍ୟରେ ମୃତ୍ୟୁ କ୍ଷେତ୍ରରେ କର୍ମଚାରଙ୍କ ପରିବାରକୁ ଫ୍ୟାମିଲି ପେନସନ୍ ସୁବିଧା ପାଇପାରିବେ । ଓଡିଶା ବୈଧ ମାପ ବିଜ୍ଞାନ ସେବା (ନିଯୁକ୍ତି ପଦ୍ଧତି ଓ ଚାକିରୀ ସର୍ତାବଳୀ) ଅଧିନିୟମ ୨୦୨୧ ନାମରେ ଏକ ନୂତନ କ୍ୟାଡର ଅଧିନିୟମ ସଂଯୋଜନା କରାଯାଇଛି । ଏହାଦ୍ୱାରା ଓଡିଶା ବୈଧ ମାପ ବିଜ୍ଞାନ କ୍ୟାଡରର କାର୍ଯ୍ୟ ତଥା ସୁପରିଚାଳନା ତ୍ୱରାନ୍ୱିତହୋଇପାରିବ । ଓଡିଶା ଲୋକାୟୁକ୍ତଙ୍କ ଦ୍ୱାରା ଉପସ୍ଥାପିତ ୨୦୨୦ ବର୍ଷର ରିପୋର୍ଟ ଅନୁମୋଦନ ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ ମିଳିଛି । ଏହାପରେ ଉକ୍ତ ରିପୋର୍ଟକୁ ଓଡିଶା ବିଧାନସଭାରେ ଉପସ୍ଥାପନ କରାଯିବ । ଓଡିଶା ଅବକାରୀ ସେବା ବର୍ଗର ବିଭିନ୍ନ ପଦବୀ ତଥା ଅତିରିକ୍ତ ଅବକାରୀ କମିଶନର ପଦବୀ ସୃଷ୍ଟି ଓ ଅଧିକୃତ ଉପଅବକାରୀ ଅଧିକ୍ଷକ ଶ୍ରେଣୀ ବି ପଦବୀର ୪୦% ସିଧାସଳଖ ଚୟନ ପ୍ରକ୍ରିୟାକୁ ଉପସ୍ଥାପନ ପାଇଁ ରାଜ୍ୟ ଅବକାରୀ ବିଭାଗ ପ୍ରଚଳିତ ନିୟମକୁ ବାତିଲ କରି ଓଡିଶା ଅବକାରୀ ସେବା ଶ୍ରେଣୀ -ଏ ଏବଂ ଓଡିଶା ଅବକାରୀ ସେବା ଶ୍ରେଣୀ - ବି ଚୟନ ପ୍ରକ୍ରିୟା ଓ ସେବା ସର୍ତାବଳୀ ନିୟମ ୨୦୨୧ ପ୍ରଣୟନ ପାଇଁ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି । ଏହା ଦ୍ୱାରା ଅତିରିକ୍ତ ଅବକାରୀ କମିଶନର, ଯୁଗ୍ମ ଅବକାରୀ କମିଶନର, ଉପଅବକାରୀ କମିଶନର, ଅବକାରୀ ଅଧିକ୍ଷକ (ଶ୍ରେଣୀ ଏ) ଓ ଉପଅଧିକାରୀ ଅଧିକ୍ଷକ (ଶ୍ରେଣୀ ବି ) କ୍ଷେତ୍ର ପ୍ରତିଷ୍ଠାନ ଗୁଡିକରେ ପର୍ଯ୍ୟାପ୍ତ ପଦୋନ୍ନତିକୁ ନିଶ୍ଚିତ କରିବା ସହିତ ଅବକାରୀ କ୍ଷେତ୍ର ପ୍ରଶାସନକୁ ଅଧିକ ପରିପକ୍ୱ ତଥା ପ୍ରଭାବଶାଳୀ କରିବ । ସେହିପରି ଓଡିଶା ସଚିବାଳୟ ଷ୍ଟେନୋଗ୍ରାଫର ଓ ପର୍ସନାଲ ଆସିଷ୍ଟାଂଟ (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ) ନିୟମାବଳୀ ୧୯୯୭ର ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ରାଜ୍ୟର ବିଭିନ୍ନ ପୋଲିସ୍ ସଂସ୍ଥାରେ କାମ କରୁଥିବା ଅମଲା କର୍ମଚାରୀମାନଙ୍କୁ ଓଡିଶା ସିଭିଲ୍ ସେବା (ବର୍ଗୀକରଣ , ନିୟନ୍ତ୍ରଣ ଓ ଅପିଲ)ନିୟମାବଳୀ ୧୯୬୨ ପରିଧିକୁ ଅଣାଯାଇଛି । ଫଳରେ ଉକ୍ତ ଅମଲା କର୍ମଚାରୀଙ୍କ ଦରମା ବ୍ୟବସ୍ଥ ଓ ରାଜ୍ୟର ଅନ୍ୟ ଅମଲା କର୍ମଚାରୀଙ୍କର ଏକରୂପତା ଆସିବ । ଅମଲା କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା ସହାୟକ ଉପନିରୀକ୍ଷକ ରୁ ଉପଆରକ୍ଷୀ ଅଧୀକ୍ଷକ ପୋଲିସ୍ ଏକ୍‌ଜିକ୍ୟୁଟିଭ୍ ର୍‍ୟାଙ୍କ୍ ପ୍ରତ୍ୟାହାର କରାଯାଇଛି ।

WANTED

ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in
THE KALINGA CHRONICLE
Popular people's Daily of Odisha

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**

**Visit at : www.thekalingachronicle.com**
**www.paryabekhyak.com**







# ଟି ଟାଇମ୍

# ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ୨.୫ ଲକ୍ଷରେ ନିଲାମ ହେଲା ହିଟ୍‌ଲର୍‌ଙ୍କ ପତ୍ନୀଙ୍କ ଅଣ୍ଡର ଗାର୍‌ମେଣ୍ଟ

ଏଜେନ୍ସୀ : ଲଣ୍ଡନ ଆଡ୍‌ଲଫ୍ ହିଟ୍‌ଲର୍‌ଙ୍କ ପତ୍ନୀ ଇବାବ୍ରାଉନ୍‌ଙ୍କ ଏକ ଅଣ୍ଡର ଗାର୍‌ମେଣ୍ଟ ବ୍ରିଟେନ୍‌ରେ ୨.୫ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ନିଲାମ ବାବଦରେ ଯେତିକି ଟଙ୍କା ମିଳିବାର ଆଶା କରାଯାଉଥିଲା ତାଠାରୁ ୭ ଗୁଣା ଅଧିକ ଦରରେ ଜଣେ ଏହି ନିଲାମିକୁ ଡ଼ାକିଛି। ଏହି ନିଲାମ ପ୍ରକ୍ରିୟାରେ ସୁନା ଏବଂ ରତ୍ନ ଖଚିତ ମୁଦି, ରୁପାର ଦର୍ପଣ, ବକ୍ସ ଏବଂ ଅନ୍ୟ ସାମଗ୍ରୀ ମଧ୍ୟ ନିଲାମ ହୋଇଥିଲା। ସେହିପରି ବ୍ରାଉନ୍‌ଙ୍କ ଲାଲ ଲିପ୍‌ଷ୍ଟିକ୍ ମଧ୍ୟ ବେଶ୍ ଭଲ ଦରରେ ବିକ୍ରି ହୋଇଛି। ବ୍ରାଉନ୍‌ଙ୍କ ଏହିସବୁ ସାମଗ୍ରୀକୁ ବ୍ରିଟେନ୍‌ର ଏକ ସଂଗ୍ରାହଳୟ କ୍ରୟ କରିଛି। ୱାରଷ୍ଟେର୍‌ସାୟାର ମାଲବର୍ଣ୍ଣସ୍ଥିତ ଫିଲିପ୍ ସେରେଲ୍ ନିଲାମୀ ଘରରେ ଏହିସବୁ ସାମଗ୍ରୀର ନିଲାମୀ କରାଯାଇଥିଲା। ସମସ୍ତଙ୍କର ଲକ୍ଷ୍ୟ ଥିଲା ବ୍ରାଉନ୍ ଅଣ୍ଡର ଗାର୍‌ମେଣ୍ଟକୁ ନେଇ। ଏହା ୩୩ ହଜାର ଟଙ୍କାରେ ବିକ୍ରି ହେବ ବୋଲି ଆଶା କରାଯାଉଥିଲାବେଳେ ବିକ୍ରି ହେଲା ୨.୫ ଲକ୍ଷ ଟଙ୍କାରେ। ନିଲାମୀ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଏହି ଅଣ୍ଡର ଗାର୍‌ମେଣ୍ଟରେ ଲେସ୍ ଏବଂ ରିବନ୍ ଲାଗିଛି। ଏଥିରେ ବ୍ରାଉନ୍‌ଙ୍କ ପ୍ରଥମ ଅକ୍ଷର 'ଇବି' ଶବ୍ଦ ମଧ୍ୟ ସିଲେଇ ହୋଇଛି। ସେହିପରି ବ୍ରାଉନ୍‌ଙ୍କ ଲିପ୍‌ଷ୍ଟିକ୍ ମଧ୍ୟ ୩୦ ହଜାର ଟଙ୍କାରେ ବିକ୍ରି ହୋଇଥିଲା ଏହି ନିଲାମୀ ସମୟରେ।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।



# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।



# ଆଜିର ଭାଗ୍ୟ

**ମେଷ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଚାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।



# ମୋ ଗାଁ

## ଚାଷୀ ହତ୍ୟା ପ୍ରତିବାଦରେ ପିସିସି ପକ୍ଷରୁ ମୌନବ୍ରତ କାର୍ଯ୍ୟକ୍ରମ

ଭୁବନେଶ୍ୱର : କେନ୍ଦ୍ର ସରକାର ପ୍ରଣୀତ କରିଥିବା ତିନିଗୋଟି କଳା କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ଉତର ପ୍ରଦେଶର ଲଖିମପୁର ଖେରି ଠାରେ ବିକ୍ଷୋଭ କରୁଥିବା ଋଷୀମାନଙ୍କୁ ଗାଡ଼ି ଚପାଇ ବର୍ବରୋଚିତ ଭାବେ ହତ୍ୟା କରିବା ପ୍ରତିବାଦରେ ନିଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମୌନବ୍ରତ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ରାଜଭବନ ଛକ ଠାରେ ଏହି ମୌନବ୍ରତ ପ୍ରତିବାଦ କାର୍ଯ୍ୟକ୍ରମ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦିବା ୧୧ ଘଂଟା ଠାରୁ ୧ ଘଂଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ କଂଗ୍ରେସ ନେତୃବୃନ୍ଦ ମୌନ ରହି ଘଟଣାର ପ୍ରତିବାଦ କରିଥିଲେ। କାର୍ଯ୍ୟକ୍ରମ ପରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କୃଷକମାନେ ହେଉଛନ୍ତି ଦେଶର ଅନ୍ନଦାତା। ଏହି ଅନ୍ନଦାତାମାନଙ୍କୁ ଯେଉଁଭଳି ନିଷ୍ଠୁର ଭାବରେ ହତ୍ୟା କରାଗଲା ତାହା ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ନିନ୍ଦନୀୟ। ଏହି ଘଟଣାରେ ଆମେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛୁ। କଂଗ୍ରେସ ଦଳ ସର୍ବଦା ଅନ୍ନଦାତା ମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଛି ଓ ଆଜି ମଧ୍ୟ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡା ହୋଇଛି। ଯେପର୍ଯ୍ୟନ୍ତ ଏହି ଆଇନ ସରକାର ପ୍ରତ୍ୟାହାର କରି ନାହାନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସ ଦଳ ତାର ସଂଗ୍ରାମ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପଂଚାନନ କାନୁନଗୋ, ସୁରେଶ କୁମାର ରାଉତରାୟ, ଶରତ ରାଉତ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ନକୁଳ ନାୟକ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, କିଶୋର ଜେନା, ଦେବାଶିଷ ପଟ୍ଟନାୟକ, ମନୋରଜ ଦାଶ, ଚିନ୍ମୟ ସୁନ୍ଦର ଦାସ, ଅନୁଲେଖା ବୋଷା, ଜ୍ଞାନଦେବ ବେଉରା, ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶ୍ୱଜିତ ଦାଶ, ଅମିୟ କୁମାର ପଟ୍ଟନାୟକ, ଦୀପକ ମହାପାତ୍ର, ସୁବ୍ରତ ମହାପାତ୍ର, ନାରାୟଣ ଜେନା, ରଶ୍ମି ମହାପାତ୍ର, ବନ୍ଦିତା ପରିଡ଼ା, ପଦ୍ମାକର ଗୁରୁ, ୟାସିର ନୱାଜ, ଲିଙ୍ଗରାଜ ସାହୁ, ସୁରେନ୍ଦ୍ର ନାଥ କର, ବିସ୍ମୟ ମହାପାତ୍ର, ପ୍ରଶାନ୍ତ ଶତପଥି, ଅମିୟ ପାଣ୍ଡବ, ନାସିର ଅହମ୍ମଦ, ରଜନୀ ମହାନ୍ତି, ସୁଶାନ୍ତ ତ୍ରିପାଠୀ, ପ୍ରଣତୀ ମିଶ୍ର, ଶ୍ରୀୟାସ୍ମିତା ପଣ୍ଡା, ସଂକୁନା କହଁର, କୁସୁମ ପ୍ରଧାନ, ମୋହନ ଜେନା, ସମ୍ଭୁ ପାଣିଗ୍ରାହୀ, ପ୍ରକାଶ ମିଶ୍ର, ରାଜକିଶୋର ବାରିକ, ମନୋରଜ ରାଉତରାୟ, କୈଳାସ ସାହୁ, ଦେବୀପ୍ରସାଦ ବାହାଲିଆ, ରାଜୀବ ମହାପାତ୍ର, ମିହିର ଆଚାର୍ଯ୍ୟ, ଅଶୋକ ଦାସ, ଆଲୋକ ଲେଙ୍କା, ବଟକୃଷ୍ଣ ରାଉତରାୟ, ଶୈଳେନ୍ଦୁ ମଜୁମଦାର, ବ୍ରହ୍ମାନନ୍ଦ ସାହୁ, ଗିତାଳି ମହାନ୍ତି, ଅଭିଶେକ ରାଉତ, ଇନ୍ଦ୍ରଜିତ ପରିଡ଼ା, ସନ୍ତୋଷ ନନ୍ଦ, ମନୋଜ ସାହୁ, ସୁନାକର ମହାରଣା, ନିମାଇ ରାଉତରାୟ, ସଂଜୀବ ମହାନ୍ତି, ସାଗର ପରିଡ଼ା, ଜୟକୃଷ୍ଣ ସୁବୁଦ୍ଧି, ମହମ୍ମଦ ସାହାଦୁଲ୍ଲା, ତାପସ ସେଠୀ, ବାବୁ ଜେନା, ବିଶ୍ୱଭୂଷଣ ମହାପାତ୍ର, ବୁନା ମହାନ୍ତି, ମଂଟୁ ମଲ୍ଲିକ, ଦେବରାଜ ମିଶ୍ର, ସୁବ୍ରତ ସେନାପତି, ଆଶିଷ ମଲ୍ଲିକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




## କୋଭିଡ୍ ଯୋଗୁଁ ବଢ଼ିଛି ମାନସିକ ଅବସାଦ ରୋଗୀଙ୍କ ସଂଖ୍ୟା

ଭୁବନେଶ୍ୱର: କୋଭିଡ କାରଣରୁ ରାଜ୍ୟରେ ମାନସିକ ଅବସାଦ ରୋଗୀଙ୍କ ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିଛି। ତେବେ ଏହି ପରିସ୍ଥିତିର କିପରି ସମାଧାନ ହୋଇ ପାରିବ ସେଥିପାଇଁ ସବୁ ଜିଲ୍ଲାର ମାନସିକ ଚିକିତ୍ସା ୟୁନିଟଗୁଡ଼ିକ ମାଧ୍ୟମରେ ମୋବାଇଲ ମେଂଟାଲ ହେଲଥ୍ ୟୁନିଟ୍ ଗଠନ କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର କହିଛନ୍ତି।ସେ କହିଛନ୍ତି ଏହି ମେଂଟାଲ ହେଲଥ୍ ୟୁନିଟଗୁଡ଼ିକ ସଙ୍ଗରୋଧ କେନ୍ଦ୍ରକୁ ଯାଉଥିଲେ ଏବଂ ଲୋକମାନଙ୍କର ମାନସିକ ସମସ୍ୟା ନିବାରଣ କରିବାକୁ ଚେଷ୍ଟା କରୁଥିଲେ । ମାନସିକ ରୋଗୀ ବିଭାଗରେ କଲ ସେଂଟର ମଧ୍ୟ ସ୍ଥାପନ କରାଯାଇଛି ।ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ରାଜ୍ୟକୁ ପୁରସ୍କୃତ କରିଛନ୍ତି। ତେବେ ଏହି କାର୍ଯ୍ୟ କିପରି ଆଗକୁ ଆହୁରି ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ ବୈଠକ ମାଧ୍ୟମରେ ଆଲୋଚନା ହୋଇଛି। ଏଥିପାଇଁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି ।

## ଖରିଫ ଧାନ କିଣିବା ନେଇ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର : ୨୦୨୧-୨୨ ଖରିଫ ଋତୁ ଧାନ କିଣିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟର ବଳକା ସଂଗୃହୀତ ଧାନ କିଣିବା ବାବଦରେ ଚିଠି ଲେଖିବା ସହ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ବଳକା ଧାନକୁ କିଣିବା ପାଇଁ ଡିଏଫପିଡିକୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିସହ ପୂର୍ବ ନିର୍ଦ୍ଦେଶନାମା ନବଦଳିଲେ ଆଗାମୀ ଖରିଫ ଧାନ ସଂଗ୍ରହ ପ୍ରଭାବିତ ହେବ। ତେଣୁ ଧାନ ସଂଗ୍ରହ ଅବଧି ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି।

## କରୋନାରୁ ସୁସ୍ଥ ହେଲେ ୪୩୮

ଭୁବନେଶ୍ୱର: ରାଜ୍ୟରେ ଆଜି କରୋନା ସଂକ୍ରମଣରୁ ୪୩୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୮ ହଜାର ୭୪୯ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୯୨ ଜଣ ଓ କଟକ ଜିଲ୍ଲାରୁ ଆଜି ୫୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଜଗତସିଂହପୁରରୁ ୨୬, ବାଲେଶ୍ୱରରୁ ୨୧, ଯାଜପୁରରୁ ୧୬, ପୁରୀରୁ ୧୫, ସମ୍ବଲପୁରରୁ ୧୪, ମୟୂରଭଂଜରୁ ୧୩, ଢେଙ୍କାନାଳରୁ ୧୨, କେନ୍ଦ୍ରାପଡ଼ାରୁ ୮ ଓ ଝାରସୁଗୁଡ଼ାରୁ ୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଗଂଜାମ ଜିଲ୍ଲାରୁ ୪, ଦେବଗଡ଼, ନୟାଗଡ଼, ସୁନ୍ଦରଗଡ଼ରୁ ୩ ଜଣ ଲେଖାଏଁ, ଅନୁଗୁଳ, କୋରାପୁଟ, ସୁବର୍ଣ୍ଣପୁରରୁ ୨ ଜଣ ଲେଖାଏଁ, ମାଲକାନଗିରି, ରାୟଗଡ଼ାରୁ ଜଣେ ଲେଖାଏଁ ଓ ରାଜ୍ୟପୁଲରୁ ୪୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଗୁଣବତ୍ତା ତନଖି ବିଭାଗ ପକ୍ଷରୁ ଆଲୋଚନା ବୈଠକ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଗୁଣବତ୍ତା ଯାଞ୍ଚ ବିଭାଗ ଆନୁକୂଲ୍ୟରେ ସୋମବାର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଆଗାମୀ ସ୍ୱୟଂଶାସିତ ଯାଞ୍ଚ କମିଟି ଓ ଶୈକ୍ଷିକ ଯାଞ୍ଚ କମିଟିର ଅନୁଧ୍ୟାନ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦନ ପାଇଁ ଏହି ବୈଠକରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା ଓ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର କମିଟିମାନ ଗଠନ କରାଯାଇଥିଲା । ଏକାଡେମିକ କମିଟି ଅକ୍ଟୋବରମାସ ଶେଷ ସୁଦ୍ଧା ଏହି କଲେଜକୁ ଆସିବା ଆପାତତଃ ସ୍ଥିର ହୋଇଯାଇଛି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହା ପରେ ଅଟୋନୋମି ଟିମର ପରିଦର୍ଶନ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସାରିବାକୁ ସ୍ଥିର କରାଯାଇଛି । ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ଡଃ. ସେକ ସମସୁର, ପ୍ରଫେସର ବିନ୍ଦୁମିତ୍ର ବଳ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପରାମର୍ଶ ଦେଇଥିଲେ । ଅଧ୍ୟାପକ ପ୍ରମୋଦ କୁମାର ଦାସ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ବୈଠକରେ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା, ପ୍ରାଧ୍ୟାପକ ତପନ କୁମାର ପତି, ଡଃ. ଦେବେନ୍ଦ୍ର ଗୋଛାୟତ, ଡଃ. ଜ୍ଞାନେନ୍ଦ୍ର ଦାଶ, ପ୍ରାଧ୍ୟାପକ ରଞ୍ଜିତ କୁମାର ଦାସ, ଡଃ. ସୁଚିସ୍ମିତା ବେହେରା, ଅଧ୍ୟାପିକା ଦିପ୍ତୀରାୟ ଓ ଡଃ. ଦେବକାନ୍ତ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ମତାମତ ଦେଇଥିଲେ । ଶେଷରେ ଡଃ. ପ୍ରଭାକର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରିବେଶ ପ୍ରଭାବ ମୂଲ୍ୟାୟନ ରିପୋର୍ଟରେ ଅଂଚଳବାସୀଙ୍କ ସମସ୍ୟାକୁ ସ୍ଥାନ ଦେଇ ସର୍ତ୍ତ ମୂଳକ ଜନଶୁଣାଣି ସଫଳ ହେଲା

କେନ୍ଦୁଝର: ଓଡିଶା ଖଣି ନିଗମର ପ୍ରସ୍ତାବିତ ଦବୁନା ସାକ୍ରାଡିହି ଲୌହ ଏବଂ ମାଙ୍ଗାନିଜ ଖଣି ପାଇଁ ୧୩୩୨ ହେକ୍ଟର ପରିମିତ ଅଂଚଳ ଉପରେ ଖଣି କାର୍ଯ୍ୟରେ ପରିବେଶ ମୁରୀ ପାଇଁ ଆଜି ୧୦/୧୦/୨୦୨୧ରିଖରେ ହୋଇଥିବା ଜନଶୁଣାଣି ସର୍ତ୍ତ ମୂଳକ ଭାବେ ଶେଷ ହୋଇଛି । ପୂର୍ବରୁ ଏହି ଖଣି ଆଇନ୍‌ର ଉଲ୍ଲଙ୍ଘନ କରି ଖଣି କାର୍ଯ୍ୟ କରି ଆସୁଥିବାରୁ ୨୦୦୬ ମସିହାରେ ଏହି ଖଣିକୁ ଖଣି କାର୍ଯ୍ୟ ସ୍ଥଗିତ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିବା ସହ ଜରିମାନା ଦେଇ ପୁନଶ୍ଚ ଏହି ଖଣି ଆରମ୍ଭ କରିବା ପାଇଁ ପରିବେଶ ମୁରୀ ଦିଗରେ ଜନମତ ଲୋଡିଥିଲେ। ଦୁଇଟି ପଂଚାୟତ ଯଥା ବସନ୍ତପୁର ଓ ବଡକାଳିମାଟି ପଂଚାୟତର ପ୍ରଭାବିତ ଗ୍ରାମବାସୀ ଓ ମିଡିଆ ସମେତ ବହୁ ବୁଦ୍ଧିଜୀବୀ ଏହି ଜନଶୁଣାଣିରେ ଅଂଶଗ୍ରହଣ କରିଥିଲେ । ପ୍ରଥମଥର ପାଇଁ ଅଂଚଳବାସୀ ଏହି ଖଣିର ଡ୍ରାଫ୍ଟ ପରିବେଶ ପ୍ରଭାବ ମୂଲ୍ୟାୟନ ରିପୋର୍ଟ ତର୍ଜମା କରି ଅଂଚଳବାସୀଙ୍କ ଜୀବନ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ନିଯୁକ୍ତିକୁ ତର୍ଜମା କରି ଏହି ପରିବେଶ ପ୍ରଭା ଆକଳନ ମୂଲ୍ୟାୟନ ରିପୋର୍ଟରେ ସ୍ଥାନ ନଥିବା ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଲୋକପାତ କରିବା ସହ ଅଂଚଳବାସୀଙ୍କ ବିକାଶ ଦିଗରେ ଉତ୍ତମ ରଣନୀତି ସହ ଦାବି ସାମୂହିକ ଜନଶୁଣାଣିରେ ଆଲୋକପାତ କରିଥିଲେ । ଗ୍ରାମବାସୀ ଓ ପ୍ରଭାବିତ ଅଂଚଳବାସୀ ଅଂଚଳର ବିକାଶ ଦିଗରେ ଦାବି ସାମୂହିକ ଉତ୍ଥାପନ କରି ପରିବେଶ ପ୍ରଭାବ ଆକଳନ ମୂଲ୍ୟାୟନ ରିପୋର୍ଟରେ ସ୍ଥାନ ଦେବାପାଇଁ ଦାବି ରଖିଥିଲେ ।

## ରାଜଧାନୀରେ ୨୪ ଘଣ୍ଟାରେ ୧୫୯ ପଜିଟିଭ୍

ଭୁବନେଶ୍ୱର: ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଦିନ ଆଉ ୧୫୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୦ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୧୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୮୦ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୪୬୨୬ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୧୦୦୦୨ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୫୭୦ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୩୩ କୁ ବୃଦ୍ଧି ପାଇଛି।

## ବିଷପିଇ ଯୁବକର ଆତ୍ମହତ୍ୟା

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ବାଦବାରବାଟୀ ଗ୍ରାମର ଜନୈକ ଯୁବକ କୌଣସି କାରଣକୁ ନେଇ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଏ ନେଇ ବେଗୁନିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।ସୂଚନା ମୁତାବକ ସଂପୃକ୍ତ ଗ୍ରାମର ବୈଦ୍ୟନାଥ ରାୟ(୪୧) କୌଣସି କାରଣକୁ ନେଇ ବିଷ ପିଇଦେଥିବା ବେଳେ ପରିବାର ଲୋକ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ।ତାଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଆଦିବାସୀ କଲ୍ୟାଣ ଓ ଜଳଶକ୍ତି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆନନ୍ଦପୁର: ଭାରତ ସରକାରଙ୍କ ଆଦିବାସୀ କଲ୍ୟାଣ ଓ ଜଳଶକ୍ତି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଆଜି ଜନକଲ୍ୟାଣ ଯାତ୍ରା ଅବସରରେ ମୟୁରଭ ଜିଲ୍ଲା ଠାକୁରମୁଣ୍ଡା ଗସ୍ତ ସମୟରେ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନମାମି ଗଙ୍ଗେ ରାଜ୍ୟ ସଭାପତି ମହେଶ୍ୱର ସାହୁ, ବିଜେପି ରାଜ୍ୟ ସମ୍ପାଦକ ନବୀନ କୁମାର ରାମ, କରିଆ ବିଧାନସଭାର ପୂର୍ବତନ ବଧାୟକ ପଦ୍ମ ଚରଣ ହାଇବୁରୁ, ବିଜେପିର ବରିଷ୍ଠ ନେତା କୃପାସିନ୍ଧୁ ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ଉପସଭାପତି ହେମନ୍ତ କୁମାର ମଲ୍ଲିକ, କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ବିକ୍ରମ କେଶରୀ ରାଉତରାୟ, କେନ୍ଦୁଝର ଜିଲ୍ଲା ବରିଷ୍ଠ ଆଦିବାସୀ ନେତା ସତ୍ୟବ୍ରତ ନାୟକ, ବିଜେପି ଜିଲ୍ଲା ସମ୍ପାଦକ ବିମଳ କୁମାର ସେନାପତି, କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ରଜ କୁମାର ମହାନ୍ତ, ରଣଜିତ ବେହେରା, ଜଗଦୀଶ ଚନ୍ଦ୍ର ମହାନ୍ତି, ଗଣେଶ୍ୱର ମହାନ୍ତ, ଯୋଗେନ୍ଦ୍ର ମହାନ୍ତ, ପ୍ରଳୟ କୁମାର ପଟ୍ଟନାୟକ, ସୁଦାମ ଚରଣ ନାୟକ ଶ୍ରୀମତୀ ମମତାମୟୀ ମହାନ୍ତି, ଶ୍ରୀମତୀ ପଦ୍ମାବତୀ ମହାନ୍ତ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।

## ମୋହନ ମାଝୀଙ୍କ ଉପରେ ବୋମା ମାଡ଼ ଘଟଣାକୁ ଦୃଢ ନିନ୍ଦା କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର: ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଜେପିର ବରିଷ୍ଠ ନେତା ମୋହନ ଚରଣ ମାଝୀଙ୍କ ଉପରେ ବୋମା ମାଡ଼ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ୱିଟ୍ କରି ଦାବୀ କରିଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ଆମ ଦଳର ବରିଷ୍ଠନେତା ମୋହନ ଚରଣ ମାଝୀଙ୍କ ଉପରେ ବୋମା ମାଡ଼ ଘଟଣାକୁ ମୁଁ ଦୃଢ଼ ନିନ୍ଦା କରୁଛି । ସାମାଜିକ ରାଜନୈତିକ ଜୀବନରେ ଥିବା ଜଣେ ଜନପ୍ରତିନିଧିଙ୍କ ଉପରେ ଦିନ ଦ୍ୱିପହରରେ ସର୍ବସାଧାରଣ ଜାଗାରେ ଆକ୍ରମଣ କରାଯିବା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଏବଂ କେଉଁ ଅବସ୍ଥାରେ ଅଛି, ଏହି ଘଟଣାରୁ ଅନୁମେୟ ହେଉଛି। ଅନେକ ସମୟରେ ଗଣତାନ୍ତ୍ରିକ ପଦ୍ଧତିରେ କଟୁ ସମାଲୋଚନା ହେବାକୁ ପଡେ। ଗଣତନ୍ତ୍ରରେ ବାଦ ବିବାଦ ରହିବ କିନ୍ତୁ ଜଣେ ଜନପ୍ରତିନିଧିଙ୍କୁ ରାଜରାସ୍ତାରେ ଆକ୍ରମଣ କରାଯିବା ଚିନ୍ତାର ବିଷୟ। ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

## ଛାତ୍ର ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଓ ସଫେଇ ଅଭିଯାନ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଚଣ୍ଡିଦେବୀ ମନ୍ଦିର ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଦିପ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳର ସଂଗଠନକୁ ମଜଭୁତ କରିବା ପାଇଁ ସମସ୍ତ ଦଳୀୟ କର୍ମକର୍ତ୍ତାମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜେପି ଓ କଂଗ୍ରେସ ଦଳ ଛାଡି ବିଜୁ ଜନତା ଦଳରେ ଯୋଗଦେଇଥିବା ଇନ୍ଦ୍ରଦ୍ୟୁମ୍ନ ମଳିକ, ଶ୍ରୀକାନ୍ତ ମଳିକ, ଅଲେଖ ଚନ୍ଦ୍ର ମଳିକ, ସଞ୍ଜୁଲତା ମଳିକ, ଲତା ମଳିକ, ପଦ୍ମାବତୀ ଜେନା, ସସ୍ମିତା ମଳିକ, ପବିତ୍ର ଜେନା, ଚିନ୍ମୟୀ ଜେନା ପ୍ରମୁଖ ୧୨୬ଜଣ ଛାତ୍ର ଓ ମହିଳାମାନଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକ ଶ୍ରୀ ବେହେରା ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇନ୍ଦୁପୁର ସରପଞ୍ଚ ରୀନା ମଲ୍ଲିକ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଦୁଷ୍ମନ୍ତ ମଲ୍ଲିକ, ଛାତ୍ର ବିଜେଡି ବ୍ଲକ ସଭାପତି ପ୍ରକାଶ କୁମାର ସାହୁ, ଉପସଭାପତି ଦେବାଶିଷ ସ୍ୱାଇଁ, ସମିତି ସଭ୍ୟ ସନ୍ତୋଷ କୁମାର ମଳିକ, ସୁକାନ୍ତ କୁମାର ସେଠୀ, ଅଭିଷେକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରେ ଛାତ୍ର ବିଜେଡି ସଭାପତି ଶ୍ରୀ ସାହୁଙ୍କ ନେତୃତ୍ୱରେ ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟର ପରିସରକୁ ସଫେଇ କରାଯାଇଥିଲା।

## ବିଧାୟକ ମୋହନ ମାଝୀଙ୍କ ଗାଡିକୁ ବୋମା ମାଡ

କେନ୍ଦୁଝର: କେନ୍ଦୁଝର ଟାଉନ୍ ଥାନା ମଣ୍ଡୁଆ ଅରଡେଇ ନଦୀ ନିକଟରେ ବିଧାୟକ ମୋହନ ଚରଣ ମାଝୀଙ୍କ ଗାଡିକୁ ଦୁଇଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲରେ ଆସି ବୋମା ମାଡ କରିଥିଲେ। ବିଧାୟକ ଏକ ମିଟିଂରୁ ଘରକୁ ଫେରୁଥିବା ବେଳେ ଜଣେ ପିଲା ହାତରେ ଦୁଇଟି ବୋମା ଧରି ଗାଡି ସମ୍ମୁଖକୁ ହଠାତ୍ ଆସି ଗାଡି ଉପରକୁ ଗୋଟିଏ ବୋମା ଫିଙ୍ଗି ଥିଲା । ପରେ ଅଙ୍ଗରକ୍ଷୀ ଓ ଡ୍ରାଇଭର ଗାଡିରୁ ଓହ୍ଲାଇବାରୁ ପୁଣି ଥରେ ଅନ୍ୟ ଏକ ବୋମା ବିଧାୟକଙ୍କ ଗାଡି ଉପରକୁ ଫୋପାଡି ଦ୍ରୁତ ଗତିରେ ନରଣପୁର ରେଲୱେ ଷ୍ଟେସନ ଆଡେ ପଳାଯାଇଥିଲା । ମୋହନ ମାଝୀଙ୍କ ଗାଡି ତାଙ୍କୁ ପିଛା କରିଥିଲେ ମଧ୍ୟ ଅଣଓସାରିଆ ରାସ୍ତାର ସୁଯୋଗ ନେଇ ସେମାନେ ଖସି ଯିବାକୁ ସଫଳ ହୋଇଥିଲେ। ଏହାପରେ ବିଧାୟକ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ନାକାବନ୍ଦି କରି ଦୁର୍ବୃତ୍ତଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି । ଏହି ଘଟଣାକୁ ମୋହନ ମାଝୀ ବିଜେଡି ରାଜ୍ୟ ଯୁବ ଉପସଭାପତି ସୌମ୍ୟ ଶଙ୍କର ଚକ୍ର (ରାଜା ଚକ୍ର) କରାଇଥିବା ସିଧାସଳଖ ଅଭିଯୋଗ କରିଛନ୍ତି।

## ପ୍ଲାଏଉଡ୍ ଓ ଗ୍ଲାସ୍ ଟ୍ରେଡର୍ସ ଆସୋସିଏସନ୍ ପକ୍ଷରୁ ଭୁବନେଶ୍ୱରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର







ଭୁବନେଶ୍ୱର: ଆଜି ପ୍ଲାଏଉଡ୍ ଓ ଗ୍ଲାସ୍ ଟ୍ରେଡର୍ସ ଆସୋସିଏନ୍ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଭୁବନେଶ୍ୱରର ପ୍ରସିଦ୍ଧ ହୋଟେଲ୍ କ୍ୟାପିଟାଲ୍ ସିଟିଠାରେ ଆୟୋଜିତ ହୋଇଯାଇଛି । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓଡିଶା ବ୍ଲଡ ବ୍ୟାଙ୍କର ନିର୍ଦ୍ଦେଶକ ଦ୍ୱୟ ଦେବାଶିଷ ଚୌଧୁରୀ ଓ ରମା ଶଙ୍କର ରୁଙ୍ଗଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଶିବିରରୁ କ୍ୟାପିଟାଲ୍ ହସ୍ପିଟାଲ୍‌ର ଓଡିଶା ବ୍ଲଡ୍ ବ୍ୟାଙ୍କ ଦ୍ୱାରା ୪୭ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏଥିରେ ଆସୋସିଏସନ୍‌ର କର୍ମଚାରୀ ଓ ଅନ୍ୟାନ୍ୟ ସଭ୍ୟମାନେ ଯୋଗ ଦେବା ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏଠାରେ ପ୍ରକାଶ ଥାଉକି, ପ୍ଲାଏଉଡ୍ ଓ ଗ୍ଲାସ୍ ଟ୍ରେଡର୍ସ ଆସୋସିଏନ୍ ପ୍ରତିବର୍ଷ ଏହିଭଳି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜିତ କରିଥାଏ । ଉକ୍ତ ଶିବିରରେ ଡାକ୍ତର ଦେବାଶିଷ ମିଶ୍ର ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ୍‌ର ସଭାପତି ଗଜାନନ୍ଦ ଅଗ୍ରୱାଲ୍ ସମ୍ପାଦକ ଧିରେନ୍ଦ୍ର ପରିଡା, ଉପ ସଭାପତି ରାଜେଶ ଧିରାନି, କୋଷାଧ୍ୟକ୍ଷ ସଂଜୟ ଗଲୋଟଙ୍କ ସମେତ ସଂଜୟ ଅଗ୍ରୱାଲ୍ , ଆଦିତ୍ୟ ତୁଲସ୍ୟାନ୍, କମଲ ଅସୋପା, କୈଳାସ ଅଗ୍ରୱାଲ୍ , ରମେଶ ନରୁଲା, ସୁଶୀଳ ଅଗ୍ରୱାଲ୍ , ସୋମ ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ସହ କିଛି ଉପହାର ପ୍ରଦାନ କରାଯାଇଥିଲା ।

## ୨୦୦୫ ମସିହା ପୂର୍ବପ୍ରଚଳିତ ପେନ୍‌ସନ୍ ବ୍ୟବସ୍ଥା ଲାଗୁକର ଓ ଅବସରକାଳୀନ ସୁବିଧା ସୁଯୋଗ ଦିଅ

ଭୁବନେଶ୍ୱର: ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୂଳମନ୍ତ୍ର ଅଟେ। ଯେଉଁ ଦେଶ ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ ସେ ଦେଶ ସେତିକି ବିକଶିତ। କିନ୍ତୁ ଆମ ଦେଶରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଓଲଟା। ଆମ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଶିକ୍ଷାକୁ ଆଦୌ ଗୁରୁତ୍ୱ ଦେଉନାହାଁନ୍ତି । ଶିକ୍ଷା ଅଧିକାର ଆଇନକୁ କଡ଼ାକଡ଼ି କାର୍ଯ୍ୟ ନକରି ଏବେ ଆଉ ଗୋଟିଏ ଶିକ୍ଷା ନୀତି ଆଣିଛନ୍ତି । ଯାହାକି ଛାତ୍ର ଓ ଶିକ୍ଷକମାନଙ୍କ ବିରୋଧି। ରାଜ୍ୟରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ସରକାର ଜାଣିଶୁଣି ଶିକ୍ଷକ ନିଯୁକ୍ତି କରୁନାହାଁନ୍ତି। ଠିକା ଚୁକ୍ତିରେ ଶିକ୍ଷକ ନିଯୁକ୍ତି କରି ଉଚ୍ଚଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଶୋଷଣ କରୁଛନ୍ତି। ଅବସର ପରେ ସେମାନଙ୍କୁ ଅବସରକାଳୀନ ସୁବିଧା ସୁଯୋଗ ସହ ପେନସ୍‌ନ ବ୍ୟବସ୍ଥା ଲାଗୁ କରୁନଥିବାରୁ ସେମାନଙ୍କ ଅବଶିଷ୍ଟ ଜୀବନ ଦୁଃଖମୟ ହେଉଛି। ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ସରକାର ୨୦୧୯ ମସିହାରେ ଯେଉଁ କ୍ୟାଡର ସଂଶୋଧନ କଲେ ସେଥିରେ ଶିକ୍ଷକମାନଙ୍କୁ ବହୁ ଭାଗରେ ବିଭକ୍ତକରି ଆର୍ଥିକ ସୁବିଧା ସୁଯୋଗ ନଦେଇ ଶିକ୍ଷକମାନଙ୍କର ପଦମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି । ମାଧ୍ୟମିକ ଶିକ୍ଷକମାନଙ୍କୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ବି.ଏଡ୍ ଯୋଗ୍ୟତାଧାରୀ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ମାଧ୍ୟମିକ ବିଦ୍ୟାଳୟକୁ ପଦୋନ୍ନତିର କୌଣସି ବ୍ୟବସ୍ଥା କରିନାହାଁନ୍ତି । କିନ୍ତୁ ବି.ଏଡ୍ ଯୋଗ୍ୟତାଧାରୀ ପ୍ରାଥମିକ ଶିକ୍ଷକମାନଙ୍କୁ ମାଧ୍ୟମିକ ବିଦ୍ୟାଳୟରେ ପଢ଼ାଇବା ପାଇଁ ବାଧ କରୁଛନ୍ତି । ଯାହାକି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି। ଭାରତ ବର୍ଷର ସମସ୍ତ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେଉଥିବାବେଳେ ଆମ ରାଜ୍ୟ ସରକାର ୨୨୦୦ ଗ୍ରେଡ୍ ପେ ଦେଇ ସପ୍ତମ ବେତନ କମିଶନ ସଂଶୋଧନ କରିଥିବାରୁ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ସମସ୍ତ ରାଜ୍ୟର ପ୍ରାଥମିକ ଶିକ୍ଷକଠାରୁ କମ୍ ଦରମା ପାଆନ୍ତି। ଗୋଟିଏ ପଟେ ସରକାର ଶିକ୍ଷକମାନଙ୍କୁ ଶୋଷଣ କରୁଥିବାବେଳେ ଅନ୍ୟପଟେ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ କରୁଛନ୍ତି । କରୋନା ଆଳ ଦେଖାଇ ପ୍ରାଥମିକ ବିଦ୍ୟାଳୟକୁ ଖୋଲୁନାହାଁନ୍ତି । ୧୯ ମାସ ଧରି ବିଦ୍ୟାଳୟଗୁଡ଼ିକ ଖୋଲା ହୋଇ ନଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷାଦାନରୁ ବଂଚିତ ହେଉଛନ୍ତି । ସେରୋ ସର୍ଭେ ରିପୋର୍ଟରେ ଛୋଟ ପିଲାଙ୍କ ରୋଗ ପ୍ରତିଷେଧକ ଶକ୍ତି ଅଧିକ ଥିବାବେଳେ ସରକାର ସେମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଶିକ୍ଷାଦାନରୁ ବଂଚିତ କରୁଛନ୍ତି ।ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବି ଦିବସ ଅବସରରେ ଏକ ଆଲୋଚନାଚକ୍ର ଶୀର୍ଷକ : "ପ୍ରାଥମିକ ଶିକ୍ଷା : ଆମ ସଂଗଠନ ଆମ ଦାୟିତ୍ୱ" ଭୁବନେଶ୍ୱରସ୍ଥିତ ଖାରବେଳନଗରସ୍ଥିତ ସାମ୍ବାଦିକ ଭବନଠାରେ ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ପ୍ରଫେସର ସୁରେନ୍ଦ୍ର କୁମାର ଜେନା, ଓଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଓ ନୂତନ ପେନ୍‌ସନ୍ ବ୍ୟବସ୍ଥା ବାତିଲ୍ କରି ପୁରୁଣା ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ଦେବାପାଇଁ କହିଥିଲେ । ସଂଘର ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ ସରକାର ପୁରଣ ପେନ୍‌ସନ୍ ସହ ଅବସରକାଳୀନ ସୁବିଧା ସୁଯୋଗ ସରକାର ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି । ଏହି ଆଲୋଚନା ଚକ୍ରରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ୍, ପ୍ରସନ୍ନ କୁମାର ଜେନା, ଟୁଲୁ ଦେଇ, କେଶବ କର, ସୁରେନ୍ଦ୍ର ନାଥ ରାଉତ, ସୁଦାମ ଦଳବର, ସୁଧାଂଶୁ ମଣ୍ଡଳ, ଜିତେନ୍ଦ୍ର କୁମାର ନାୟକ, ନରେଶ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷ୍ଟାଫ ଆସୋସିଏସନ ପକ୍ଷରୁ ସଭାପତି ତପନ କୁମାର ପତିଙ୍କ ପୌରହିତ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଏହି ଉତ୍ସବରେ ଅତିଥିଭାବରେ ଯୋଗ ଦେଇଥିଲେ। କରୋନା ମହାମାରୀ ଯୋଗୁଁ ବିଗତ ତିନିମାସ ମଧ୍ୟରେ ଅବସର ନେଇଥିବା ପ୍ରାଧ୍ୟାପକ ବିଜୟ କୁମାର ଦାସ, ପ୍ରାଧ୍ୟାପିକା ସରୋଜିନୀ ମହାପାତ୍ର, ପ୍ରାଧ୍ୟାପକ ଡଃ. ପ୍ରଦୀପ୍ତ କିଶୋର ଦାଶ ଓ କାର୍ଯ୍ୟାଳୟର ବରିଷ୍ଠ ସହଯୋଗୀ ପଦ୍ମଚରଣ ପାଇକରାୟଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ଲେଖନୀ ଓ ବ୍ୟାଗ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଆସୋସିଏସନର ସମ୍ପାଦକ ରାମଚନ୍ଦ୍ର ପାତ୍ର, ଡଃ. ଦେବେନ୍ଦ୍ର ଗୋଛାୟତ, ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ, ଅଧ୍ୟାପିକା ପ୍ରଭାମୟୀ ସାମନ୍ତରାୟ ଓ କାର୍ଯ୍ୟାଳୟ ସହକାରୀ ନିରାକାର ଜେନାଙ୍କ ଭଳି ବିଦାୟୀ ବ୍ୟକ୍ତିତ୍ୱଙ୍କ କଲେଜ ଶୈକ୍ଷିକ ବ୍ୟବସ୍ଥା ଓ ପରିଚାଳନାରେ ସେମାନଙ୍କ ଅବଦାନ ସଂପର୍କରେ ସୂଚନା ଦେଇଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଡଃ. ପ୍ରଦୀପ୍ତ କିଶୋର ଦାଶ ଏହି ଅନୁଷ୍ଠାନ ନିକଟରେ ସେ ଚିର ଋଣୀ ଓ ଭବିଷ୍ୟତରେ ଏହାର ବିକାଶରେ ସମସ୍ତ ସହଯୋଗ କରିବେ ବୋଲି କହିଥିଲେ। ସେହିପରି ଇଂରାଜୀ ବିଭାଗ ପ୍ରାଧ୍ୟାପକ ବିଜୟ କୁମାର ଦାସ ଏକଦା ଏଠାରେ ଛାତ୍ର ଥିଲେ ଏବଂ ଏଠାରେ ଶେଷବର୍ଷ ବ୍ୟୟିତ ହୋଇ ଥିବାରୁ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ । ସମାଜବିଜ୍ଞାନ ପ୍ରାଧ୍ୟାପକ ଏଠାରେ ଶିକ୍ଷାଗ୍ରହଣ କରିଥିଲେ ଓ ଚାକିରୀ ଜୀବନ ଏଠାରେ ବେଶ୍ ଚଳଚଞ୍ଚଳ ଥିଲା । କାର୍ଯ୍ୟାଳୟ ସହକାରୀ ପଦ୍ମଚରଣ ପାଇକରାୟ ପଦୋନ୍ନତି ପାଇଁ ଏଠାରେ ଦୁଇମାସ ବିତାଇଥିବାରୁ ଅନୁଷ୍ଠାନ ନିକଟରେ କୃତଜ୍ଞତା ବ୍ୟକ୍ତ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା ସମେତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଷ୍ଟାଫ ଆସୋସିଏସନ ସହକାରୀ ସମ୍ପାଦକ ଅଧ୍ୟାପକ ଦେବେନ୍ଦ୍ର ଷଡଙ୍ଗୀ।




# ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ

ଭୁବନେଶ୍ୱର (ପିଏନ୍): ନିକଟଅତୀତରେ ବିଧାନସଭାରେ ଆଲୋଚନାବେଳେ ବିଭାଗୀୟ ମନ୍ତ୍ରୀ ମହୋଦୟ କହିଛନ୍ତି ଯେ ଓଡ଼ିଶା ଏକ ଖାଉଟି ରାଜ୍ୟ। ବାହାର ରାଜ୍ୟମାନଙ୍କରୁ ଓଡ଼ିଶାକୁ ବିଭିନ୍ନ ପ୍ରକାର ଖାଉଟି ସାମଗ୍ରୀ ଆସିଥାଏ। କିନ୍ତୁ ଓଡ଼ିଶାରୁ ବାହାରକୁ ସେପରି କିଛି ଖାଉଟି ସାମଗ୍ରୀ ଯାଇନଥାଏ। ଫଳରେ ଖାଉଟି ସାମଗ୍ରୀ ଅନ୍ତର୍ଗତ ମାଛ, ଅଣ୍ଡା, ପନିପରିବା, ଫଳମୂଳ, ଆଳୁ, ପିଆଜ ଇତ୍ୟାଦି ଆନ୍ଧ୍ର, କର୍ଣ୍ଣାଟକ, ଛତିଶଗଡ଼, ଝାରଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପ୍ରଭୃତିରୁ ଆସିଥାଏ। ସେହିପରି ଭାବରେ ପୋଷାକ ପରିଧାନ, ପ୍ରତିଘରେ ଆବଶ୍ୟକ ହେଉଥିବା ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟାନ୍ୟ ଗୃହୋପକରଣ ବାହାରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କିନ୍ତୁ ସ୍ୱାଧୀନତା ପରେ ପ୍ରାୟ ୭୪ ବର୍ଷ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଓଡ଼ିଶା ଖାଉଟି ରାଜ୍ୟ ହୋଇ ରହିଛି। ଦିନେ ଆମର ପ୍ରତିବେଶୀ ରାଜ୍ୟ ପଶ୍ଚିମବଙ୍ଗ ଓଡ଼ଶାରୁ ମାଛ, ଚାଉଳ, ପନିପରିବା ଇତ୍ୟାଦି ଆମଦାନୀ କରୁଥିଲାବେଳେ ଏବେ ତିନି ଚାରି ଦଶନ୍ଧି ଧରି ସେଠାରୁ ଓଡ଼ିଶାକୁ ପନିପରିବା, ପୋଷାକ ପରିଧାନ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ବହୁ ପରିମାଣରେ ଆସୁଛି। ସେହିପରି ଝାଡ଼ଖଣ୍ଡର ରା□ି ଅ□ଳରୁ ଏବଂ ଛତିଶଗଡ଼ର ରାୟପୁର ଅ□ଳରୁ, ମହାରାଷ୍ଟ୍ରର ନାସିକ ଓ ନାଗପୁର ଅ□ଳରୁ କର୍ଣ୍ଣାଟକ, ଆନ୍ଧ୍ର ଓ ତାମିଲନାଡୁ ଅ□ଳରୁ ମାଛ, କୁକୁଡ଼ା ସମେତ ବିଭିନ୍ନ ପ୍ରକାର ଫଳମୂଳ ଆମଦାନୀ କରାଯାଇଥାଏ। ଓଡ଼ିଶାର ୮୦ ଭାଗ ଲୋକ ଗ୍ରାମା□ଳରେ ବାସ କରନ୍ତି ଏବଂ ଏମାନଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ହେଉଛନ୍ତି କୃଷିଜୀବୀ। ଓଡ଼ିଶା ବାହାରୁ ଆମଦାନୀ କରାଯାଉଥିବା ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ସୌଖୀନ ସାମଗ୍ରୀ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ଏ ରାଜ୍ୟରେ ବିକ୍ରି ହୁଏ। ଧାନ ବା ଚାଉଳ ବିକ୍ରି କରି ଗ୍ରାମା□ଳର ଲୋକମାନେ ଏସବୁ ସାମଗ୍ରୀ କ୍ରୟ କରନ୍ତି ଏବଂ ପୁଅଝିଅର ପାଠପଢ଼ା, ବିବାହବ୍ରତ ଓ ଅନ୍ୟାନ୍ୟ ସାମାଜିକ ଖର୍ଚ୍ଚ ପୂରଣ କରିଥାନ୍ତି। ଖାଉଟି ସାମଗ୍ରୀ କ୍ରୟ କରିବା ପାଇଁ ହାତରୁ ପଇସା ଚାଲିଯିବା ପରେ ଆଉ ଯେତିକି ଅବଶିଷ୍ଟ ରୁହେ ଧାନ ଚାଉଳ ବିକ୍ରି କରିବା ପରେ ତାହା ସାମାଜିକ କାର୍ଯ୍ୟ କରିବା ପାଇଁ ନିଅଣ୍ଟ ହୁଏ। ତେଣୁ ପିଲାଙ୍କ ପାଠପଢ଼ା, ଝିଅଙ୍କ ବିଭାଘର ଅନ୍ୟାନ୍ୟ ସାମାଜିକ ଉତ୍ସବ ପାଳନ କରିବା ପାଇଁ ଲୋକମାନଙ୍କୁ ଋଣ କରିବାକୁ ପଡ଼ିଥାଏ। ଏହି କାରଣରୁ ଓଡ଼ିଶା ଲୋକମାନେ ଗରିବ। ୨୦୦୦ ମସିହାର ତଥ୍ୟ ଅନୁସାରେ ରାଜ୍ୟର ୫୦ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। କିନ୍ତୁ ଏଇ ୧୮ ବର୍ଷ ମଧ୍ୟରେ ଛୋଟବଡ଼ କିଛି ଶିଳ୍ପ ସ୍ଥାପନ ହୋଇଥିବାରୁ ଲୋକମାନଙ୍କୁ କିଛି ନିଯୁକ୍ତି ମିଳିଛି ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ। ବିଜୁ ପଟ୍ଟନାୟକ ପ୍ରଥମ ଦଫାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଶିଳ୍ପ ସ୍ଥାପନ, ପ୍ରଯୁକ୍ତିବିଦ୍ୟା ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନିଆଯାଇଥିଲା। ତାଙ୍କ ପରେ ସେ ବିଷୟ ପ୍ରତି ଆଉ ବିଶେଷ ଧ୍ୟାନ ଦିଆଯାଇନଥିଲା। ପୁନର୍ବାର ଅଶୀ ଦଶକରୁ ଦୁଇ ଦଶନ୍ଧି ଧରି ଭିତ୍ତିଭୂମିର ବିକାଶ, ଶିଳ୍ପ ବ୍ୟବସାୟ ବାଣିଜ୍ୟ ପ୍ରସାର ପାଇଁ କିଛି ଗୁରୁତ୍ୱ ଦେବା ଯୋଗୁଁ ଲୋକମାନେ କୃଷି କ୍ଷେତ୍ର ଛାଡ଼ି ବାଣିଜ୍ୟ ବ୍ୟବସାୟକୁ ଆଦରି ନେଇଥିଲେ ଅଧିକ ରୋଜଗାର କରିବା ପାଇଁ। ଗତ ଦଶ ବର୍ଷ ଧରି ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉଦ୍ୟମ ଅବ୍ୟାହତ ରହିଥିବାରୁ ଅନେକ କ୍ଷୁଦ୍ର, ମଧ୍ୟମ, ବୃହତ୍ ଶିଳ୍ପ ସ୍ଥାପନ କରାଯାଇଛି। ବେଦାନ୍ତ, ପୋସ୍କୋ, ଆରସେଲ୍ ମିତ୍ତଲ ପ୍ରଭୃତି ବିଭିନ୍ନ କାରଣରୁ ଶିଳ୍ପ ସ୍ଥାପନ ନକରି ଫେରି ଯାଇଥିଲେ ସୁଦ୍ଧା ଓଡ଼ିଶାର ଭିତ୍ତିଭୂମି ଖଣିଜ ସାମଗ୍ରୀ ଓ ବେଳାଭୂମି ବ୍ୟବହାର କରିବା ପାଇଁ ପୁନର୍ବାର ଉଦ୍ୟୋଗୀମାନଙ୍କର ଧାଡ଼ି ଲାଗିଛି ଶିଳ୍ପ ସ୍ଥାପନ ପାଇଁ। ଏସବୁ କଲାବେଳେ କୃଷି ପ୍ରତି ଯେତିକି ଧ୍ୟାନ ଦେବା କଥା ତାହା କୌଣସି ସରକାର ଦେଇପାରିନାହାନ୍ତି। ଫଳରେ ଓଡ଼ିଶାରେ କୃଷି ଉତ୍ପାଦନ ଗତ କେତେବର୍ଷ ମଧ୍ୟରେ ଦୁଇ ପ୍ରତିଶତ ବୃଦ୍ଧିରେ ସୀମାବଦ୍ଧ ରହିଛି। ଲୋକସଂଖ୍ୟା ବୃଦ୍ଧି ସହିତ ଗ୍ରାମା□ଳ ଓ ସହରର ଚାହିଦା ମଧ୍ୟ ବଢ଼ିଛି, କିନ୍ତୁ ଚାହିଦା ଅନୁସାରେ ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ପୋଷାକ ପରିଧାନ ଇତ୍ୟାଦି, ରାଜ୍ୟରେ ଉତ୍ପନ୍ନ କରିବା ପାଇଁ କୌଣସି ସଫଳ ପଦକ୍ଷେପ ନିଆଯାଇନାହିଁ। ଫଳରେ ବାହାର ରାଜ୍ୟମାନଙ୍କରୁ ବିପୁଳ ପରିମାଣର ଖାଉଟି ସାମଗ୍ରୀ ଓଡ଼ିଶାକୁ ଆସୁଛି। ଏହି ସୁଯୋଗ ନେଇ ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସାଧାରଣ ସାମଗ୍ରୀର ଦରବୃଦ୍ଧି ଅଧିକ। ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଜଣାଯାଏ ଯେ ଜାତୀୟ କ୍ଷେତ୍ରରେ ମୂଲ୍ୟବୃଦ୍ଧି ୪.୮୩ ପ୍ରତିଶତ ହୋଇଥିବାବେଳେ ଓଡ଼ିଶାରେ ତାହା ୭.୯୨ ପ୍ରତିଶତ ହୋଇଛି। ପରିବା, ଫଳମୂଳ, ମାଛ, ଅଣ୍ଡା, କୁକୁଡ଼ା, ଖାଇବା ତେଲ, ଆଳୁ, ପିଆଜ, ଲଙ୍କାମରିଚ ଇତ୍ୟାଦି ଆବଶ୍ୟକ ହେଉଥିବା ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବେଶୀ। ଗୋଟିଏ ଦିଗରେ ଓଡ଼ିଶାର ଅଧିକାଂଶ ଲୋକଙ୍କ ହାତରେ ଅର୍ଥର ଅଭାବ ଲାଗି ରହିଥିବାବେଳେ ଧାନ ଚାଉଳ ବିକ୍ରି କରି ଯାହା କିଛି ଉପାର୍ଜନ ହୋଇଥାଏ। ଧାନ ଚାଉଳ ବିକ୍ରି କରି ଶିକ୍ଷା ସ୍ୱାସ୍ଥ୍ୟ ଇତ୍ୟାଦି ପାଇଁ ବ୍ୟୟ ହୋଇଥାଏ। ସାମାଜିକ ଓ ଅର୍ଥନୀତିକ କ୍ଷେତ୍ରରେ ଲାଗି ରହିଥିବା ପାର୍ଥକ୍ୟ ଦୂର କରିବାକୁ ହେଲେ ଗୋଟିଏ ମାତ୍ର ଉପାୟ ଅଛି। ତାହା ହେଉଛି ଯଦି ପରିବା, ଫଳମୂଳ, ଖାଦ୍ୟସାମଗ୍ରୀ, ପୋଷାକ ପରିଧାନ, ଗୃହୋପକରଣ ଇତ୍ୟାଦି ରାଜ୍ୟର ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ଭିତରେ ଉତ୍ପନ୍ନ ହୁଏ ତେବେ ଓଡ଼ିଶା ଲୋକଙ୍କର ହାତକୁ ରୋଜଗାର ଆସିବ ଏବଂ ଦାରିଦ୍ର୍ୟ ଓ ମୂଲ୍ୟବୃଦ୍ଧିର ଗଞ୍ଜଣାର ସମାଧାନ କରାଯାଇପାରିବ। କିନ୍ତୁ ଧନ୍ଦା ଓ କୌଶଳ ଶିକ୍ଷା ପାଇଁ ସରକାର ତତ୍ପରତା ଦେଖାଇନଥିବାରୁ ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭର କରି ଆସୁଛନ୍ତି। ସେହିପରି ତିନୋଟି ସମୟର ଅଭାବ ପୂରଣ କରିବା ପାଇଁ ହଜାର ହଜାର ଓଡ଼ିଶାବାସୀ ଅନ୍ୟାନ୍ୟ ରାଜ୍ୟକୁ ଯାଇଥା'ନ୍ତି ରୋଜଗାର କରିବା ପାଇଁ। ଏଇ ପ୍ରଥା ବନ୍ଦ ନହେବା ପର୍ଯ୍ୟନ୍ତ ଓଡ଼ିଶା ଦରିଦ୍ର ହୋଇ ରହିବ।

## ଜାରକା ଫ୍ଲାଇଓଭର ବ୍ରିଜ୍ ତୁରନ୍ତ ସାରିବାକୁ ଦାବି



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ୧୬ନମ୍ବର ଜାତୀୟ ରାଜପଥର ଜାରକା ବଜାରରେ ଚାଲିଥିବା ଫ୍ଲାଇଓଭର ବ୍ରିଜ୍ ନିର୍ମାଣକାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଶେଷ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି । ଭୁବନେଶ୍ୱରଠାରେ ଏନ୍ଏଚ୍ଏଆଇ ସିଜିଏମ୍ ଡ. ରାମପ୍ରସାଦ ପଣ୍ଡାଙ୍କୁ ସେ ଏ ସଂପର୍କୀତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଫ୍ଲାଇଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ହେଲା ମନ୍ଥର ଗତିରେ ଚାଲିଛି । ନିର୍ମାଣ କାର୍ଯ୍ୟରେ ଅଯଥା ବିଳମ୍ବ ଯୋଗୁ ଉତ୍କଟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହିତ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଗତ ଦୁଇବର୍ଷ ହେଲା ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗି ଆସୁଛନ୍ତି । ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଅଂଚଳବାସୀ ବିପଦପୂର୍ଣ୍ଣ ଅବସ୍ଥାରେ ଜାତୀୟ ରାଜପଥ ଅତିକ୍ରମ କରୁଛନ୍ତି । ଆପ୍ରୋଚ୍ ରୋଡରେ ଖାଲଖମା ହେବା ସହିତ ପାଣି କାଦୁଅ ରାସ୍ତାରେ ଯିବା ଆସିବା କରିବାରେ ବହୁ ସମସ୍ୟା ଦେଖା ଦେଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସେଂାଷ ପ୍ରକାଶ ପାଇଛି । ସେହିପରି ଏଠାରେ ପୂର୍ବରୁ ଥିବା ଗଳିପୋଲକୁ ଭାଙ୍ଗି ଦିଆଯାଇଥିବା ବେଳେ ଏହାର ସଂପ୍ରସାରଣ କାର୍ଯ୍ୟ ତୁର' ଶେଷ କରିବାକୁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ସିଜିଏମ୍ ଡ. ପଣ୍ଡା ଦାବିପତ୍ରକୁ ଗ୍ରହଣ କରିବା ସହିତ ଫ୍ଲାଇ ଓଭର ବ୍ରିଜ୍ ଏବଂ ଗଳିପୋଲ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀ ଲାବଣ୍ୟ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ବାସନ୍ତୀ ମେକାପଙ୍କ ପ୍ରଥମ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମରଣିକା ଉନ୍ମୋଚନ



କେନ୍ଦ୍ରାପଡ଼ା (ପିଏନ୍): ବାସନ୍ତୀ ଦେବୀ ଥିଲେ ବହୁ ସୁଗୁଣାଯୁକ୍ତା ଜଣେ ଧର୍ମପ୍ରାଣା ମହିଳା। ତାଙ୍କର ପରୋପକାରିତା, ଅତିଥି ପରାୟଣତା, ମିଷ୍ଟ ବ୍ୟବହାର ଏବଂ ଉତ୍ତମ ପାରିବାରିକ ଜୀବନ ପାଇଁ ସେ ବହୁ ବର୍ଷ ପର୍ଯ୍ୟନ୍ତ ଅ□ଳ ବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବେ ବୋଲି ସ୍ୱର୍ଗତା ବାସନ୍ତୀ ମେକାପଙ୍କ ପ୍ରଥମ ବାର୍ଷିକ ପୁଣ୍ୟତିଥି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଶିକ୍ଷକ ନେତା ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ତଥା ନିରଞ୍ଜନ ମେକାପଙ୍କ ସଂଚାଳନାରେ ସ୍ୱର୍ଗତା ମେକାପଙ୍କ ଛଘରିଆ ସ୍ଥିତ ବାସଭବନ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟାପକ ଅଜୟ ସାମଲ, ଗାୟକ ଭୂଷଣ ଗୋପବନ୍ଧୁ ନାଥ, ଆଦିକନ୍ଦ ରାଉଳ, ଦିବାକର ଜେନା, ରବିନ୍ଦ୍ର ପ୍ରସାଦ ଜେନା, ଅବଧୂତ ରାଉତ, ଉମାକାନ୍ତ ନାୟକ, ଶୁଭାଂଶୁ ଦାସ, ଡଃ. ପ୍ରକାଶ ପରିଡା, ଅମୀୟ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଅର୍ଘ୍ୟ ଅର୍ପଣ କରିଥିବା ବେଳେ ଜ୍ୟେଷ୍ଠପୁତ୍ର ବିଭୁ ପ୍ରସାଦ ମହାନ୍ତି କୃତଜ୍ଞତା ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତା ମେକାପଙ୍କ ପତି କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଗ୍ରନ୍ଥାଗାରିକ ତଥା ସାହିତ୍ୟିକ ଦିବାକର ମହାନ୍ତିଙ୍କ ସୌଜନ୍ୟ ଓ ଶିକ୍ଷକ ରମେଶ ସାହୁଙ୍କ ଦ୍ୱାରା ସଂକଳିତ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

# କୃଷିର ଉନ୍ନତି-ରାଜ୍ୟର ପ୍ରଗତି

ଭୁବନେଶ୍ୱର (ପିଏନ୍): ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏହାର ପ୍ରାୟ ୭୦% ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। ରାଜ୍ୟର ଉଭୟ ଉପକୂଳ ଏବଂ ବନାଂଚଳର ମୁଖ୍ୟ ଜୀବିକା ହେଉଛି କୃଷି। ଆମ ରାଜ୍ୟରେ ନଦୀ, ନାଳ, ପୋଖରୀ ଆଦି ଭରପୁର ଥିବାରୁ ଜଳର କୌଣସି ଅଭାବ ନାହିଁ, କାରଣ ପ୍ରମୁଖ ବର୍ଷା ବହୁଳ ପ୍ରଦେଶ ମଧ୍ୟରେ ଓଡ଼ିଶା ରହିଛି। କିନ୍ତୁ ଏହା ଆମର ଦୁର୍ଭାଗ୍ୟ ଯେ, ଜଳର ଉପଯୋଗ ଆଜି ମଧ୍ୟ କୃଷି କାର୍ଯ୍ୟ ପାଇଁ ଠିକ୍ ଭାବରେ ହୋଇପାରିନାହିଁ। ଯାହା ଫଳରେ ଆଜି ରାଜ୍ୟର ମାତ୍ର ଶତକଡା ୨୩ ଭାଗ ଜମି ଜଳସେଚିତ। ରାଜ୍ୟର ରେଙ୍ଗାଲୀ, କାନପୁର ଆଦି ଅନେକ ଜଳସେଚନ ପ୍ରକଳ୍ପ ବର୍ଷ ବର୍ଷ ଧରି ଅଧାପନ୍ତରା ହୋଇ ପଡି ରହିଛି। ପ୍ରତିବର୍ଷ ରାଜ୍ୟରେ ଧାନର ଅଭାବୀ ବିକ୍ରି ଭଳି ଘଟଣା ଦେଖାଦେବା ଏକ ସାଧାରଣ କଥା ହୋଇଗଲାଣି। ଅଭାବି ଧାନର ବିକ୍ରୟ ମୂଲ୍ୟ ଖର୍ଚ୍ଚ ଅନୁପାତରେ ଅତି କମ୍ । ଅର୍ଥାତ୍ ଚାଷୀ ଏକ କ୍ୱିଂଟାଲ ଧାନ ଅମଳ ପାଇଁ ନିଜ ପରିଶ୍ରମ, ଖତସାର ଓ ମୂଲିଆ ମଜୁରୀ ବାବଦକୁ ଯେତେ ଖର୍ଚ୍ଚ କରେ ତାହା ତୁଳନାରେ ଏକ କ୍ୱିଂଟାଲ୍ ଧାନର ସରକାରୀ ମୂଲ୍ୟ ଖୁବ୍ କମ୍ ରହୁଛି। ଏଣୁ ସରକାରୀ କର୍ମଚାରୀଙ୍କ ବେତନ ଓ ନିର୍ଦ୍ଧାରିତ ଶ୍ରମିକଙ୍କ ମଜୁରୀ ଭଳି ଧାନର ମୂଲ୍ୟ ଏକ ନିର୍ଦ୍ଦିଷ୍ଟ ହାରରେ ବୃଦ୍ଧି ହେବା ଉଚିତ। ଆମ ରାଜ୍ୟରେ କୃଷିଜାତ ଦ୍ରବ୍ୟର ବିପଣନ ଏବଂ ସଂରକ୍ଷଣର ବ୍ୟବସ୍ଥା ନାହିଁ। ତତ୍ ସଙ୍ଗେ ସଙ୍ଗେ ସରକାରଙ୍କ ଦ୍ୱାରା କୃଷି ବ୍ୟବସ୍ଥାର ପରିଚାଳନା ଅତ୍ୟନ୍ତ ଦୁର୍ବଳ କାରଣରୁ ଓଡ଼ିଶା ଆଜି ଖାଦ୍ୟାନ୍ନରେ ପରାବଲମ୍ବୀ ପ୍ରଦେଶ ହୋଇ ରହିଛି। ଡାଲି ଜାତୀୟ ଖାଦ୍ୟ ଠାରୁ ଆରମ୍ଭ କରି ଆଳୁ, ପିଆଜ, ପନିପରିବା, ମାଛ, ଅଣ୍ଡା ଆଦି ପାଇଁ ଆମେ ଆଜି ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛୁ। ଆମ ରାଜ୍ୟରେ ପ୍ରାୟ ୪ ପ୍ରକାରର ଗୋ-ବଂଶ ଏବଂ ୩ ପ୍ରକାରର ମଇଁଷି ଦେଖାଦେଇଥା'ନ୍ତି। କୃଷି ସହ ଗୋ-ବଂଶର ସମ୍ପର୍କ ଅତି ନିବିଡ। ଆରମ୍ଭରୁ ହିଁ କୃଷି ଗୋ ଆଧାରିତ। କିନ୍ତୁ ଗୋବଂଶ ଆଜି ବିଲୀନ ହେବାକୁ ବସିଲାଣି। କୃଷିକାର୍ଯ୍ୟକୁ ପ୍ରୋତ୍ସାହନ ଦେବାକୁ ହେଲେ ଗୋବଂଶର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ହେବ। ଗତ ୪୦-୫୦ ବର୍ଷଧରି ସବୁଜ ବିପ୍ଳବ ବା ଆଧୁନିକ କୃଷି ନାଁରେ ଅବାଧ ରାସାୟନିକ ସାର ସହିତ କୀଟନାଶକ ଔଷଧ ପ୍ରୟୋଗ ଦ୍ୱାରା କୃଷିକୁ ବିଷାକ୍ତ ଏବଂ ଖର୍ଚ୍ଚବହୁଳ କରିଦିଆଯାଇଛି। ଫଳରେ ଏହି ବିଷାକ୍ତ ଖାଦ୍ୟ ଖାଇ ମାନବ ସମାଜ ସମେତ ସମ୍ପୂର୍ଣ୍ଣ ଜୀବଜଗତ ଆଜି ରୋଗଗ୍ରସ୍ତ। କୃଷିରେ ଖର୍ଚ୍ଚ ବହୁଳ କାରଣରୁ କୃଷକ ଆତ୍ମହତ୍ୟା ଭଳି ଘଟଣା ଆଜି ବହୁ ପରିମାଣରେ ଦେଖାଦେଇଛି। ତତ୍ ସଙ୍ଗେ ସଙ୍ଗେ ଭୂମି, ଜଳ, ବାୟୁ ପ୍ରଦୂଷଣ ସହିତ ଭୂମିର ବନ୍ଧ୍ୟାତ୍ୱ ଦେଖା ଦେଲାଣି। ଏଥିରୁ ମୁକ୍ତିର ଏକମାତ୍ର ମାର୍ଗ ହେଉଛି, ଗୋ-ଆଧାରିତ ପାରମ୍ପରିକ କୃଷି ବ୍ୟବସ୍ଥାକୁ ଆପଣେଇବା। ସାରା ବିଶ୍ୱରେ ବୀଜ ବା ମଞ୍ଜିର ସଂପ୍ରଭୂତାକୁ ନେଇ କୃଷକ ଏବଂ ବଡ଼ ବଡ଼ କମ୍ପାନୀ ମାନଙ୍କ ମଧ୍ୟରେ ଲଢ଼େଇ ଲାଗିରହିଛି। ଜି.ଏମ., ବି.ଟି. ଏବଂ ହାଇବ୍ରିଡ୍ ବିହନ ନାମରେ ଆଜି ବିହନର ମାଲିକାନା ନିର୍ଦ୍ଦିଷ୍ଟ କେତୋଟି ବିଦେଶୀ ବହୁରାଷ୍ଟ୍ରୀୟ କମ୍ପାନୀ ନିଜ ହାତ ମୁଠାରେ ରଖି କୃଷି ବ୍ୟବସ୍ଥାକୁ କବଳିତ କରିଛନ୍ତି। ଏହାକୁ ଓଡ଼ିଶାରେ ମଧ୍ୟ ସଂପୂର୍ଣ୍ଣ ଲାଗୁ କରିବା ପାଇଁ କିଛି ସ୍ୱେଚ୍ଛାସେବୀ ସଂସ୍ଥା ବା ଏନ୍.ଜି.ଓ. ବିଦେଶୀ କମ୍ପାନୀମାନଙ୍କ ଦଲାଲ ସାଜି ଆମ ରାଜ୍ୟର ସରଳ ନିରୀହ ଚାଷୀଙ୍କୁ ଭୁଲାଇ, ଫୁସୁଲାଇ ଏହି କାର୍ଯ୍ୟରେ ମାତିଛନ୍ତି। ତେଣୁ ଏହି ଚକ୍ରାନ୍ତକୁ ସରକାର ଦୃଢ଼ହସ୍ତରେ ଦମନ କରିବା ଉଚିତ୍। ଚାଷୀକୁଳ ମଧ୍ୟ ଏହାକୁ ବିରୋଧ କରବା ଆବଶ୍ୟକ। ରାଜ୍ୟ ସରକାର କୃଷି ବଜେଟ୍ ନାମରେ ଏକ ବଜେଟ୍ ଗତ କିଛିବର୍ଷ ଧରି ଆଣୁଛନ୍ତି ସତ, କିନ୍ତୁ ସେ ବଜେଟ୍‌ରେ କିଛି ନୂତନତ୍ୱ ନାହିଁ ଏବଂ କୃଷି ପାଇଁ ବଜେଟରେ ଥିବା ବ୍ୟୟ ବରାଦକୁ ବୃଦ୍ଧି କରାଯାଉନାହିଁ। ଯେଉଁ କୃଷି ଉପରେ ଶତକଡା ୭୦ ଭାଗ ଲୋକ ନିର୍ଭର କରୁଛନ୍ତି ସେହି କୃଷି ପାଇଁ ବଜେଟ୍‌ରେ ମାତ୍ର ୭ରୁ ୮ ପ୍ରତିଶତ ଅର୍ଥ ବ୍ୟୟବରାଦ ହେଉଛି। ଓଡ଼ିଶାରେ କୃଷକ ପାଇଁ ଆଜି ଏକ ନୂଆ ସମସ୍ୟା ଦେଖାଦେଇଛି, ତାହା ହେଉଛି ବନ୍ୟଜନ୍ତୁଙ୍କ କାରଣରୁ ଚାଷର ବହୁଳ କ୍ଷତି ବା ଚାଷୀ ଚାଷ କରୁନାହିଁ; କେଉଁଠି ହାତୀ ତ କେଉଁଠି ବାରାହା, ମାଙ୍କଡ଼ ଇତ୍ୟାଦି ଫସଲ ନଷ୍ଟ କରିବାରେ ଲାଗିଛନ୍ତି। ତତ୍ ସଙ୍ଗେସଙ୍ଗେ ଗୋ-ଚାରଣ ଭୂମିର ଅଧିଗ୍ରହଣ ବା କବ୍‌ଜା କାରଣରୁ ଗୃହପାଳିତ ପଶୁ ମଧ୍ୟ ଚାରଣ ଭୂମି ନ ପାଇବାରୁ ଫସଲ ହାନିର କାରଣ ମଧ୍ୟ ହେଉଛନ୍ତି। ତେଣୁ ଆମ ରାଜ୍ୟର ପ୍ରଗତି ପାଇଁ କୃଷିର ଉନ୍ନତି ହେବା ନିହାତି ଆବଶ୍ୟକ। ସେଥିପାଇଁ କୃଷକ ସମାଜକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହିତ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦେବା ଜରୁରୀ। ଜଳସେଚନକୁ ଧ୍ୟାନରେ ରଖି ସରକାର ଯଥାଶୀଘ୍ର ଅସମ୍ପୂର୍ଣ୍ଣ ଯୋଜନାକୁ ପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ନୂତନ ଛୋଟ ଏବଂ ମଧ୍ୟମ ଧରଣର ସେଚ ପ୍ରକଳ୍ପ ନିର୍ମାଣ କରି ଆଗାମୀ ୫ ବର୍ଷ ମଧ୍ୟରେ ସର୍ବନିମ୍ନ ଶତକଡା ୫୦ ଭାଗ ଭୂମି ଜଳସେଚିତ କରିବାର ଯୋଜନା କରାଯାଉ। ଉଠା ଜଳସେଚନ ବା ଲିଫ୍ଟ ଇରିଗେସନ ପାଇଁ ସହଜ ବିଦ୍ୟୁତ୍ ଉପଲବ୍ଧତା ଏବଂ ସୌରଶକ୍ତି ବା ସୋଲାର ଏନର୍ଜିର ସୁବ୍ୟବସ୍ଥା କରାଯାଉ। ମଣ୍ଡିର ବନ୍ଦୋବସ୍ତ କରି ଏହାର ସୁପରିଚାଳନା କରାଯାଉ ଏବଂ ଚାଷୀର ସମସ୍ତ ବଳକା ଧାନକୁ କିଣିବାର ବ୍ୟବସ୍ଥା ହେଉ। ପରିବା ତଥା ଅନ୍ୟ କୃଷିଜାତ ଦ୍ରବ୍ୟର ବିପଣନ ଓ ସଂରକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଉ। ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଦେଶୀ ଗାଈ ଓ ବଳଦର ସଂରକ୍ଷଣ ଉଦ୍ଦେଶ୍ୟରେ ସବ୍‌ସିଡ଼ି ଦିଆଯାଉ ଏବଂ ଗୋ-ଚାରଣ ଭୂମିକୁ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯାଉ । ରାଜ୍ୟରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ କିଛି ଜିଲ୍ଲାକୁ ବିଶେଷ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ପ୍ରକଳ୍ପ ବା ପାଇଲଟ ପ୍ରୋଜେକ୍ଟ ରୂପେ ଆରମ୍ଭ କରାଯାଉ। କୃଷି ବଜେଟ୍‌ରେ କୃଷି ପାଇଁ ସର୍ବନିମ୍ନ ଶତକଡା ୨୫ ଭାଗ ଅର୍ଥ ବ୍ୟୟ ବରାଦ ପାଇଁ ଧାର୍ଯ୍ୟ କରାଯାଉ । ସେହିପରି ୧୯୫୬ ମସିହାର ନିଶାନିବାରଣ ଆଇନ କାର୍ଯ୍ୟକାରୀ କରି ରାଜ୍ୟକୁ ସଂପୂର୍ଣ୍ଣ ନିଶାମୁକ୍ତ ତଥା ମଦମୁକ୍ତ କରାଯାଉ, ଯାହାଦ୍ୱାରା କୃଷକ ଓ କୃଷି ଶ୍ରମିକ ମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିପାରିବ। ରାଜ୍ୟର ୨ ଭାଗରୁ ଉର୍ଦ୍ଧ୍ୱ ଲୋକ, ଖାଦ୍ୟ ସୁରକ୍ଷା ଆଇନ୍-୨୦୧୩ର ଅନ୍ତର୍ଭୁକ୍ତ ହୋଇଥିବାରୁ କୃଷି କାର୍ଯ୍ୟ ପାଇଁ ଶ୍ରମିକଙ୍କର ଅଭାବ ଘଟୁଛି, କାରଣ ଅଧିକାଂଶ ଲୋକ ଏହାଦ୍ୱାରା କାର୍ଯ୍ୟ ନ କରି ଅଳସୁଆ ହୋଇଯାଇଛନ୍ତି । ତେଣୁ ପ୍ରକୃତ ଗରିବ ଲୋକଙ୍କୁ ଚିହ୍ନଟ କରି ଏଥିରେ ସାମିଲ୍ କରାଯାଉ । କୌଣସି ପ୍ରକଳ୍ପ ନିମନ୍ତେ କମ୍ପାନୀ ସହିତ ବୁଝାମଣା (ଏମ୍.ଓ.ୟୁ.) ସମୟରେ ସରକାର ଜମିକୁ ନିଜ ଅଧୀନରେ ଏକ ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ ରଖି କମ୍ପାନୀ ନିର୍ଦ୍ଦିଷ୍ଟ ସମୟରେ ପ୍ରକଳ୍ପ ନକଲେ କ୍ଷତି ପୂରଣ ସହିତ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ଫେରାଇ ଦିଆଯାଉ। ଧାନଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଧାନର ସହାୟକ ମୂଲ୍ୟ କୁଇଂଟାଲ ପିଛା ସର୍ବନିମ୍ନ ୨୫୦୦ ଟଙ୍କା ରଖିବା ସହିତ ଅନ୍ୟାନ୍ୟ ତୈଳବୀଜ ଫସଲର ମୂଲ୍ୟ ସେହି ଅନୁସାରେ ବୃଦ୍ଧି କରାଯାଉ। କୃଷି ଓ କୃଷକକୁ ପ୍ରୋତ୍ସାହନ ଦେବାପାଇଁ ଚାଷୀକୁ ମାସିକ ସର୍ବନିମ୍ନ ୩୦୦୦ ଟଙ୍କା ପେନ୍‌ସନ୍ ଦିଆଯାଉ ।

## ଗାନ୍ଧୀଜୟନ୍ତୀ ଆଗୁଆ ପାଳନ କରିଥିବା ସ୍କୁଲ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଅନୁଗୁଳ (ପିଏନ୍): ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ତପନ ସତପଥିଙ୍କୁ ଭେଟି ଅନୁଗୋଳ ବ୍ଲକ ଅର୍ନ୍ତଗତ ପୁରୁଣାଗଡ ପାଇସ୍କୁଲରେ ଗତ ଏକ ତାରିଖ ଦିନ ଗାନ୍ଧୀ ଜୟନ୍ତୀ ପାଳନ କରା ଯାଇଥିବା ଗଣ ମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ମହାତ୍ମା ଗାନ୍ଧୀଙ୍କ ଜୟ'ୀ ସାରା ବିଶ୍ୱ ଅକ୍ଟୋବର ୨ତାରିଖ ଦିନ ପାଳନ କରୁଥିବା ବେଳେ ଉପରୋକ୍ତ ବିଦ୍ୟାଳୟ କିପରି ଏକ ତାରିଖ ଦିନ ଆଗୁଆ ପାଳନ କଲା, ଯାହାକି ମହାତ୍ମା ଗାନ୍ଧୀଙ୍କ ପ୍ରତି ଘୋର ଅସମ୍ମାନ। ଏଣୁ ଉପରୋକ୍ତ ବିଦ୍ୟାଳୟର ଶିକ୍ଷକ ମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ଦାବି ଜଣାଇଛି। ଏହି ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସ ଉପସଭାପତି ଚିତରଂଜନ ନାଏକ, ଓବିସି ସେଲ ଅଧ୍ୟକ୍ଷ, ଜିତେନ୍ଦ୍ର ସାହୁ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ, ରାଜ୍ୟ ଏସସି ସେଲ ଆବାହକ ଟିକନ ବେହେରା, ଆଇନ ସେଲ ଅଧ୍ୟକ୍ଷ ଧର୍ମେନ୍ଦ୍ର ମିଶ୍ର, ଏସସି ସେଲ ଅଧ୍ୟକ୍ଷ ନିଳକଣ୍ଠ ନାଏକ, ଅନୁଗୋଳ ବ୍ଲକ ସଭାପତି ଅମୂଲ୍ୟ ବେହେରା, ବଣ୍ଟଁରପାଳ ବ୍ଲକ ସଭାପତି ବିନୋଦ ମାଝି, ପ୍ରଶାନ୍ତ ବିଶ୍ୱାଳ, ସଂଗ୍ରାମ ବେବେରା ପ୍ରମୁଖ ଉପସ୍ଥିତ ରହି ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

## କେନ୍ଦ୍ରାପଡା ଜିଲ୍ଲାରେ ୧୪କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଶନିବାର ୧୪ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥି ମଧ୍ୟରୁ ଗରଦପୁର ବ୍ଲକରେ ୨ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ କେନ୍ଦ୍ରାପଡା ବ୍ଲକରେ ୨ଜଣ, ମହାକାଳପଡା ବ୍ଲକରେ ୨ଜଣ, ମାର୍ଶାଘାଇ ବ୍ଲକରେ ୫ଜଣ, ପଟ୍ଟାମୁଣ୍ଡାଇ ବ୍ଲକରେ ଜଣେ, ରାଜକନିକା ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରା□ଳରେ ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

## ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ଜିଲ୍ଲା ପ୍ରସାସନର ପ୍ରସ୍ତୁତି ବୈଠକ ପୌରପାଳିକା ଟାଉନହଲରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର,ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା,କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ଟାଉନ ଆଇଆଇସି ଜ୍ୟୋତି ରଞ୍ଜନ ସାମନ୍ତରାୟ ପ୍ରମୁଖ ମ□ାସୀନ ଥିଲେ। କରୋନା ମହାମାରୀର ପ୍ରକୋପକୁ ଦେଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ କୋଭିଡ କଟକଣା ମଧ୍ୟରେ ଶାନ୍ତି ଶୃଙ୍ଖଳାର ସହ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ଜିଲ୍ଲାପାଳ ଓ ଏସପି କହିଥିଲେ। ପୂଜା ମଣ୍ଡପରେ ସର୍ବାଧିକ ୪ଫୁଟ ଉଚ୍ଚତାର ମୂର୍ତ୍ତି ପୂଜା ପାଇବେ। ପୂଜକ ସମେତ ୭ଜଣ ପୂଜାମଣ୍ଡପରେ ଓ ବିଷର୍ଜନ ସମୟରେ ୧୦ଜଣଙ୍କୁ ଉପସ୍ଥିତ ପାଇଁ ଅନୁମତି ମିଳିପାରିବ । ଏମାନେ ମାସ୍କ ଲଗାଇବା ଓ ସାମାଜିକ ଦୂରତା ରକ୍ଷା କରିବେ ଏବଂ ଯଥାରୂପେ ସାନିଟାଇଜ ହେବେ । ମଣ୍ଡପର ତିନି ପାର୍ଶ୍ୱ ବନ୍ଦ ରଖାଯିବ । ଚତୁର୍ଥ ପାର୍ଶ୍ୱ ଦେଇ କେବଳ ପୂଜକ, କର୍ତ୍ତା ଏବଂ ସହଯୋଗୀ ଏପରି ୭ ଜଣ ପ୍ରବେଶ କରିପାରିବେ । ସାଧାରଣ ଯାତ୍ରୀ ବା ଦର୍ଶକମାନଙ୍କ ପାଇଁ ଚତୁର୍ଥ ପାର୍ଶ୍ୱ ଖୋଲା ଯିବ ନାହିଁ । ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ସାତଦିନ ମଣ୍ଡପରେ ମୂର୍ତ୍ତି ପୂଜା ପାଇବା ପରେ ଅଷ୍ଟମ ଦିନ ବିନା ବାଜାରେ ସନ୍ଧ୍ୟା ସୁଧା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ଜଳାଶୟରେ ବିସର୍ଜନ କରାଯିବ। ପୂଜାରେ ଭାଗ ନେଉଥିବା ସମସ୍ତ ସଦସ୍ୟ କୋଭିଡ ଟିକା ନେଇଥିବେ । ସେହିପରି ବିସର୍ଜନରେ ଭାଗ ନେଉଥିବା ଦଶ ଜଣ ବ୍ୟକ୍ତି କୋଭିଡ ଟିକା ନେବା ସହିତ କୋଭିଡ କଟକଣା ମାନିବାକୁ ବାଧ୍ୟ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏ ସମସ୍ତ ବିଧିବ୍ୟବସ୍ଥାକୁ ତହସିଲଦାର ଓ ସ୍ଥାନୀୟ ଥାନାଧିକାରୀଙ୍କ ଦ୍ୱାରା ଗଠିତ ଦଳ ଦ୍ୱାରା ତଦାରଖ କରାଯିବ । ପୂଜା ସମୟରେ କୌଣସି ଧାର୍ମିକ ଓ ସାଂସ୍କୃତିକ ଶୋଭାଯାତ୍ରା ହେବ ନାହିଁ । କୌଣସି ସାଧାରଣ ସଭା ସମିତି ମାଧ୍ୟମରେ ଉଦବୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ ବୋଲି ନିର୍ଦ୍ଦେଶ ଜାରି ହୋଇଛି । ଏହି ବୈଠକରେ ବିଭିନ୍ନ ପୂଜାକମିଟିର ସଭାପତି, ସମ୍ପାଦକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କମ୍ରେଡ୍ ରେବତୀ ବଲ୍ଲଭ ମହାପାତ୍ରଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର (ପିଏନ୍): ସି.ପି.ଆଇ. (ଏମ୍) ଓଡିଶା ରାଜ୍ୟ କମିଟିର ପୂର୍ବତନ ସଭ୍ୟ, ପୁରୀ ଜିଲ୍ଲା କମିଟିର ପୂର୍ବତନ ସମ୍ପାଦକ ସାଥୀ ରେବତୀ ବଲ୍ଲଭ ମହାପାତ୍ରଙ୍କ ଅକାଳ ବିୟୋଗରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରୁଛୁ । ସାଥୀ ମହାପାତ୍ର ଅଳ୍ପ କିଛି ଦିନ ପୂର୍ବରୁ ଅସୁସ୍ଥତା ଯୋଗୁଁ ପ୍ରଥମେ ପୁରୀ ଓ ପରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସ୍ଥାନାନ୍ତରିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅକ୍ଟୋବର ୨ ତାରିଖରେ ମୃତ୍ୟୁବରଣ କରିଛନ୍ତି । ସାଥୀ ମହାପାତ୍ର ଛାତ୍ର ଅବସ୍ଥାରେ ଭାରତର ଛାତ୍ର ଫେଡେରେସନ (ଏସ୍ଏଫ୍ଆଇ)ରେ ସକ୍ରିୟ ନେତୃତ୍ୱରେ ରହିଥିଲେ ଏବଂ ସି.ପି.ଆଇ. (ଏମ୍)ର ସଭ୍ୟପଦ ଲାଭ କରି ରାଜ୍ୟ କମିଟି ସଭ୍ୟ ଏବଂ ପୁରୀ ଜିଲ୍ଲା କମିଟିର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ । ପୁରୀ ଜିଲ୍ଲାର ଶ୍ରମିକ ଆନ୍ଦୋଳନର ଜଣେ ଅଗ୍ରଣୀ ଯୋଦ୍ଧା ଏବଂ ଶ୍ରମଜୀବୀ ମଣିଷର ଆପଣାର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସାଥୀ ରେବତୀ ମହାପାତ୍ରଙ୍କ ଅକାଳ ମୃତ୍ୟୁ ଯୋଗୁଁ ମେହନତି ମଣିଷ ଜଣେ ଯୋଦ୍ଧାଙ୍କୁ ହରାଇଲା। ସାଥୀ ରେବତୀ ମହାପାତ୍ରଙ୍କ ମୃତ୍ୟୁରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ତାଙ୍କ ଶୋକ ସନ୍ତପ୍ତ ପରିବାର ଏବଂ ପୁରୀ ଜିଲ୍ଲା ପାର୍ଟିର ଦୁଃଖ ଓ ଶୋକରେ ସାମିଲ ହେଉଛୁ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG, U.KG, Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




## ଓଡ଼ିଶା ଦୂରସଂଚାର ବିଭାଗ ପକ୍ଷରୁ ସଚେତନତାମୂଳକ ୱେବିନାର

ଭୁବନେଶ୍ୱର:ଓଡ଼ିଶା ଦୂରସଂଚାର ବିଭାଗ(ଏଲ୍.ଏସ୍.ଏ.) ପକ୍ଷରୁ ୨୦୨୧ରେ ଇ.ଏମ୍.ଏଫ୍ ରାଡିଏସନ୍ ବିକିରଣ ଉପରେ ଏକ ସଚେତନତାମୂଳକ ୱେବିନାର ମୁଖ୍ୟ ଡାକଘରଠାରେ ଆୟୋଜିତ ହୋଇଥିଲା। ଭାରତ ସ୍ୱାଧୀନତାର ୭୫ ବର୍ଷ 'ଆଜାଦୀ କା ଅମୃତ' ମହୋତ୍ସବ ପାଳନ ଅବସରରେ ଜନସାଧାରଣଙ୍କ ପାଖରେ ଦୂରସଂଚାର ବିଭାଗ କିପରି ସହଜ, ସରଳରେ ପହଂଚି ପାରିବ, ଟାୱାରର ଗୁଣବତା, ଦୂରସଂଚାରର ନିକଟ ଭବିଷ୍ୟତରେ '୫ ଜି'ର ନେଟ୍‌ୱାର୍କ ତଥା 'ଆତ୍ମନିର୍ଭର ଭାରତ' ନିର୍ମାଣ କରାଯିବା ଉପରେ ଉକ୍ତ ୱେବିନାର ଆୟୋଜିତ କରାଯାଇଥିଲା। ଏଥିରେ ସଭାପତିତ୍ୱ କରି ଓଡ଼ିଶା ବରିଷ୍ଠ ନିର୍ଦ୍ଦେଶକ, ଲାଇସେନ୍ସିଂ ଶ୍ରୀ ବି.କେ. ନାୟକ, ବରିଷ୍ଠ ଉପ-ମହାନିର୍ଦ୍ଦେଶକ ଟି. ବାରାପ୍ରସାଦ, ନିର୍ଦ୍ଦେଶକ ସଞ୍ଜୟ କୁମାର ଗୁପ୍ତା ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଦୂରସଂଚାରର ରାଷ୍ଟ୍ରନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ଗ୍ରାହକଙ୍କୁ ସର୍ବୋତମ ମାନର ସେବା ଯୋଗାଇବା ସହିତ ଭିତିଭୂମିକୁ ଦୃଢ଼ କରିବା ତଥା ନେଟ୍‌ୱାର୍କ ଗୁଡ଼ିକୁ ବିସ୍ତାରିତ କରିବା ଏବଂ ବିଭିନ୍ନ ଉନ୍ନୟନମୂଳକ କାଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ଏଲ୍.ଏସ୍.ଏ. ନିର୍ଦ୍ଦେଶକ(କମ୍ପ୍ଲିଆନ୍‌ସ) ସଞ୍ଜୟ କୁମାର ଗୁପ୍ତା ମତବ୍ୟକ୍ତ କରିଥିଲେ ଯେ, ଦୂରସଂଚାରର ପ୍ରାସଙ୍ଗିକତା ମନୁଷ୍ୟ ଜୀବନ ଉପରେ ପଡ଼ିବା ସହିତ ରାଷ୍ଟ୍ର ନିର୍ମାଣରେ ଆହୁରି ଲୋକାଭିମୁଖୀ କାର୍ଯ୍ୟ କରିବା ପାଇଁ ଉକ୍ତ ବିଭାଗ ସଦାସର୍ବଦା ପ୍ରୟାସ ଜାରି ରଖିଛି। କାର୍ଯ୍ୟକ୍ରମକୁ ସଂଯୋଜନା କରି ବ୍ୟକ୍ତିଗତ ସଚିବ ତଥା ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ଷଡ଼ଙ୍ଗୀ ଦୂରସ ।ରର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିବା ସହିତ ବି.ଏସ୍.ଏନ୍.ଏଲ୍. ଏବଂ ଭାରତ ସରକାରଙ୍କର ଏହି ବିଭାଗଟି ଜନକଲ୍ୟାଣ ପାଇଁ ସମର୍ପିତ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଉପ ମହାନିର୍ଦ୍ଦେଶକ ଜି. ରତ୍ନକୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବି.କେ. ନାୟକ ଭାରତ ସରକାରଙ୍କର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପି.କେ. ଯୋଷୀ ପ୍ରମୁଖ ୱେବିନାର ମାଧ୍ୟମରେ ଯୋଡ଼ିହୋଇ ନିଜନିଜର ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଜନସାଧାରଣ ବିକିରଣ ସମସ୍ୟା ନେଇ କୌଣସି ପ୍ରକାରେ ଆତଙ୍କିତ ଏବଂ ଭୟଭୀତ ହେବା ଉଚିତ ନୁହେଁ। ଏହା ସହିତ ସ୍ୱାସ୍ଥ୍ୟ ପ୍ରତି କୌଣସି କ୍ଷତିକାରକ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି। ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ। କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ। ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା। କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି। ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ,ଏବିଇଓ,ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ। ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ। ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ଖାଉଟି ଅଧିକାରର ସୁରକ୍ଷା ପାଇଁ ବ୍ୟାପକ ଜନ ସଚେତନତା ଏକାନ୍ତ ଆବଶ୍ୟକ : ଡଃ. ଜଷ୍ଟିସ୍ ଡି.ପି. ଚୌଧୁରୀ

କେନ୍ଦୁଝର: ଖାଉଟି ଅଧିକାରର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗର ମାନ୍ୟବର ଅଧକ୍ଷ ଡଃ ଜଷ୍ଟିସ୍ ଡି.ପି. ଚୌଧୁରୀ କହିଛନ୍ତି । ଚଳିତ ଅକ୍ଟୋବର ୯ତାରିଖରେ ଦୁଇଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଆୟୋଗ ଅଧକ୍ଷ ଡଃ ଜଷ୍ଟିସ୍ ଡି.ପି. ଚୌଧୁରୀ ଜିଲ୍ଲାରେ ଖାଉଟି ଅଧିକାର ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବା ପରେ ଅକ୍ଟୋବର ୧୦ତାରିଖ ରବିବାର ଦିନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସୂଚନା ଦେଇ ଏହା କହିଛନ୍ତି। ଆୟୋଗ ଅଧକ୍ଷ କହିଥିଲେ ଯେ ଖାଉଟି ମାନଙ୍କର ଅଧିକାରର ସୁରକ୍ଷା ପାଇଁ ସରକାର ବିଭିନ୍ନ ପ୍ରକାର ଆଇନ୍ ପ୍ରଣୟନ କରିଛନ୍ତି। କିନ୍ତୁ ଖାଉଟିମାନେ ସେସବୁ ଆଇନ୍ ସମ୍ପର୍କରେ ଜାଣି ନାହାଁନ୍ତି। ଏଣୁ ଖାଉଟି ମାନଙ୍କୁ ସେମାନଙ୍କର ଅଧିକାର ଏବଂ ଏହାର ସୁରକ୍ଷା ପାଇଁ ବିଶେଷ କରି ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ ଦିଗରେ ଗଣମାଧ୍ୟମର ପ୍ରତିନିଧିମାନେ ପୂର୍ଣ୍ଣ ସହଯୋଗ କରି ଖାଉଟି ଅଧିକାର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଥିଲେ। ଖାଉଟି ଅଧିକାରର ସୁରକ୍ଷା ପାଇଁ ଜିଲ୍ଲା ସ୍ତରରେ, ରାଜ୍ୟ ସ୍ତରରେ ଏବଂ ଜାତୀୟ ସ୍ତରରେ ଆୟୋଗ କାର୍ଯ୍ୟ କରୁଛି । ଏଣୁ ଖାଉଟି ଶୋଷଣର ଶିକାର ହେଲେ, ଠକେଇରେ ପଡିଲେ ସେମାନେ ଆୟୋଗରେ ଅଭିଯୋଗ କରିପାରିବେ । ଖାଉଟି ସୁରକ୍ଷା ଅଧିନିୟମ-୧୯୮୬ରେ ସଂସ୍କାର ଅଣାଯାଇଛି । ୨୦୧୯ ମସିହାରେ ନୂଆ ଅଧିନିୟମ ଆସି ୨୦୨୦ ମସିହା ଜୁଲାଇ ମାସରୁ କାର୍ଯ୍ୟକାରି ହୋଇଛି । ଉକ୍ତ ଅଧିନିୟମରେ ଖାଉଟିର ଅଧିକାର/ଦାବୀ ଉପରେ ଗୁରୁତ୍ୱ ଆରୋପ କରାଯାଇ ଏ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ପ୍ରାଥମିକତା ଦିଆଯାଇଛି। ଯଦି ଖାଉଟି ବା ଗ୍ରାହକ ସଚେତନ ନହେଲେ ସବୁବେଳେ ହଇରାଣ ହରକତ ହେବେ । ଖାଉଟିର ସଜ୍ଞା ବ୍ୟାଖ୍ୟା କରି ସେ କହିଥିଲେ ଯେ ଖାଉଟିର ଅଧିକାର ପରିସର ବ୍ୟାପକ ହୋଇଛି । ଯେ କୌଣସି ଜନିଷ, ଦ୍ରବ୍ୟ, ସାମଗ୍ରୀ କିଣାବିକା ହେଉ କିମ୍ବା ବଭିନ୍ନ ସେବା କ୍ଷେତ୍ର ଯଥା- ବ୍ୟାଙ୍କିଂ,ଜୀବନବୀମା, ନିର୍ମାଣ କ୍ଷେତ୍ର, ଅନଲାଇନ୍ ସପିଂ ଇତ୍ୟାଦି ସେବା କ୍ଷେତ୍ରରେ ଠକେଇ କିମ୍ବା ଶୋଷଣର ଶିକାର ହେଲେ ଖାଉଟି ଆୟୋଗର ଆଶ୍ରମ ନେଇ ପାରିବେ । କୌଣସି ଖାଉଟି ଯେପରି ତାଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଂଚିତ ନ ହେବେ ସେଥିପାଇଁ ଆୟୋଗ ଯତ୍ନବାନ ହୋଇ କାର୍ଯ୍ୟ କରୁଛି । ଏପରିକି ଖାଉଟି ଇ-ଫାଇଲ ମାଧ୍ୟମରେ ଆୟୋଗଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ ତାହା ବିଚାର ପାଇଁ ଗ୍ରହଣ କରାଯିବ । ଅଭିଯୋଗ ଇ-ଫାଇଲ ମାଧ୍ୟମରେ ଦାଖଲ କରିବା କ୍ଷେତ୍ରରେ ଓଡିଶା ଦେଶରେ ପ୍ରଥମ ରାଜ୍ୟ ଭାବେ ବିବେଚିତ ହୋଇଛି । ଖାଉଟି ଅଧିକାରର ସୁରକ୍ଷା ପାଇଁ ଆୟୋଗଙ୍କୁ ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ କରୁଛନ୍ତି । ଲୋକ ଅଦାଲତ ମାଧ୍ୟମରେ ଖାଉଟି ଆୟୋଗ ଅନ୍ତର୍ଗତ ମାମଲା ଗୁଡିକରେ ଶୀଘ୍ର ଫଇସଲା ପାଇଁ ପଦକ୍ଷେପ ନିଆଯାଉଛି । ଖାଉଟି ଆୟୋଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅଧକ୍ଷ ଡଃ ଜଷ୍ଟିସ ଡି.ପି. ଚୌଧୁରୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ସଭାପତି ବିଜୟଲକ୍ଷ୍ମୀ ଗିରି, ସଦସ୍ୟ ଭାରତ ଭୂଷଣ ଦାସ, ଉପନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ସଂଜୀବ ବାରିକଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୨୫୫ ହେଲା

ଭୁବନେଶ୍ୱର: ରାଜ୍ୟରେ କରୋନାରେ ଆଉ ୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୫୫ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ, କେନ୍ଦ୍ରାପଡା ଓ ଖୋର୍ଧା। ଜିଲ୍ଲାର ୨-୨ ଜଣ ମୃତ୍ୟୁବରଣ କରିଛନ୍ତି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୧ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବର୍ତ୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗ୍ରହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର: ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ, ସମାଜବାଦ ଆନ୍ଦୋଳନର ମୁଖ୍ୟ ସୂତ୍ରଧର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୯ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱରସ୍ଥ ମାଷ୍ଟରକ୍ୟାଂଟିନ୍ ଛକ ନିକଟସ୍ଥ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ବକ୍ତାମାନେ ନିଜ ବକ୍ତବ୍ୟରେ ବିଦେଶରେ ଶିକ୍ଷାଲାଭ କରି ବିଳାସବ୍ୟସନ ପରିତ୍ୟାଗ କରି ସପତ୍ନୀକ ଜୟପ୍ରକାଶ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇଥିଲେ । ପରବର୍ତ୍ତୀ ଅବସ୍ଥାରେ ଜୟପ୍ରକାଶ କଂଗ୍ରେସ ଦଳ ପରିତ୍ୟାଗ କରି ସୋସାଲିଷ୍ଟ ପାର୍ଟି ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହିତ ଦେଶର ଶ୍ରମିକ, କୃଷକ ଓ ଅସହାୟ ଜନତାଙ୍କ ଆର୍ଥିକ ଉନ୍ନତି ନିମନ୍ତେ ନିରନ୍ତର ଉଦ୍ୟମ କଲେ । କ୍ରମାଗତ ସଂଘର୍ଷ ମଧ୍ୟରେ ସେ ବହୁବାର କାରାବରଣ କରିବା ସହ ପୋଲିସ୍‌ର ନିର୍ମମ ଅତ୍ୟାଚାରର ଶୀକାର ହୋଇଛନ୍ତି । ଦେଶରେ ଜରୁରୀକାଳୀନ ପରିସ୍ଥିତି ପୂର୍ବରୁ ସେ ଏକ ଅଭୁତପୂର୍ବ ଜନ ଆନ୍ଦୋଳନ ଗଢିତୋଳିଥିଲେ ଓ ଜରୁରୀକାଳୀନ ପରିସ୍ଥିତି ମଧ୍ୟରେ ଭାରତ ବର୍ଷର ଅଣକଂଗ୍ରେସ ଶକ୍ତିକୁ ଏକତ୍ରିତ କରି ଜନତା ପାର୍ଟି ଗଠନ କରି ୧୯୭୭ ମସିହାରେ ଭାରତ ବର୍ଷରେ ପ୍ରଥମ ଅଣକଂଗ୍ରେସ ସରକାର ଗଠନ କରିବାରେ ସଫଳ ହୋଇଥିଲେ । ତାଙ୍କର ନୀତି, ଆଦର୍ଶ ଓ ସଂଘର୍ଷମୟ ଜୀବନ ଯୁଗେଯୁଗେ ଯୁବ ଛାତ୍ରମାନଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି ବକ୍ତାମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ନିଶାମୁକ୍ତି ଅଭିଯାନର ଅଧକ୍ଷ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅଧ୍ୟାପକ ରମେଶ ପାତାଳ ସିଂହ, ଇଂ. ଲଳିତ ମୋହନ ପଟ୍ଟନାୟକ, ସମାଜବାଦୀ ପାର୍ଟି ତରଫରୁ ସୁଦର୍ଶନ ପ୍ରଧାନ, ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଉପସ୍ଥିତ ଛାତ୍ରଛାତ୍ରୀମାନେ ଜୟପ୍ରକାଶ ନାରାୟଣଙ୍କ ଉପରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ ।

# ଚିକିତ୍ସା ଅଭାବରୁ ତିନି ବର୍ଷ ହେଲା ଖଟରେ ଶୋଇ ରହିଛନ୍ତି ରୁଆବତୀ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ବୁଡୁରିକିଆ ପଂଚାୟତ ମାଦିନାଟ ପସାରୀ ସାହିରେ ରୁଆବତୀ ମଲ୍ଲିକ (୪୫)ଖଟରେ ପଡି ରହି କଷ୍ଟ ପାଉଛନ୍ତି ପ୍ରତି ମାସରେ ସ୍ତ୍ରୀ ରୋଗ ଜନିତ ସମସ୍ୟା ଦେଖାଯାଉଛି ବୋଲି କହିଛନ୍ତି । ଏନେଇ ତାଙ୍କର ଦେହ ଶୁଖି ଶୁଖି ଯାଉଛି,ସ୍ୱାମୀ ଏବଂ ତିନୋଟି ପୁଅ ଗୋଟିଏ ଝିଅ ସହ ରୁହନ୍ତି । ସ୍ୱାମୀ ଦିନ ମଜୁରିଆ ଭାବେ କାମ କରି ଘର ଚଳାଉଛନ୍ତି । ପିଲାମାନଙ୍କ ପାଠ ପଢ଼ାରେ ଏବଂ ଘର ଖର୍ଚ୍ଚ କରି ବଳକା ହେଲେ କିଛି ଔଷଧ କିଣିବାକୁ ଅସମର୍ଥ ଅଟନ୍ତି । ସବୁ ମାସରେ ଔଷଧ କିଣିବାକୁ ଅର୍ଥ ଯୋଗାଡ ହୋଇପାରେ ନାହିଁ । ରୁଆବତୀଙ୍କ ସ୍ୱାମୀ ନାଜିରା ମଲ୍ଲିକ କହିବା ଅନୁଯାୟୀ ସେ ପ୍ରଥମେ ତାଙ୍କ ସ୍ତ୍ରୀଙ୍କୁ ଧରି ବାଲିଗୁଡା ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପରାମର୍ଶ ଦେଇଥିଲେ । ସେଠାରେ ମଧ ସେହି ସମସ୍ୟା ମୁଖ୍ୟ ଡାକ୍ତରଖାନର ଡାକ୍ତର ବ୍ରହ୍ମପୁର ନେବାକୁ କହିଥିଲେ । ନାଜିରାଙ୍କ ପାଖରେ ବ୍ରହ୍ମପୁର ନେବାପାଇଁ ଆର୍ଥିକ ସମ୍ବଳ ନଥିବାରୁ ସେହିଦିନଠାରୁ ରୁଆବତୀ ଖଟରେ ଜୀବନ ବିତାଉଛନ୍ତି । ତାଙ୍କ ଦୁଃଖରେ ସ୍ୱାମୀ ମଧ ଭାଙ୍ଗି ପଡିଛନ୍ତି । ସେ କହିଛନ୍ତି ସରକାର ଏତେ ଯୋଜନା କରିଛନ୍ତି ଅଥଚ ଆମ ଭଳିଆ ଗରିବ ଆଦିବାସୀଙ୍କ ନିକଟକୁ କାହିଁକି ପହଂଚିପାରୁ ନାହିଁ। ନେତା ରାଜନେତା ସମସ୍ତେ ଆସନ୍ତି ଭୋଟ ନେବାକୁ ହେଲେ ଆମ ଗୁହାରୀ କେହି ଶୁଣୁ ନାହାନ୍ତି । ତେଣୁ ସରକାରଙ୍କ ତରଫରୁ ଜଦି କିଛି ସହାୟତା ମିଳିପାରନ୍ତା ମୋ ସ୍ତ୍ରୀ ନିଶ୍ଚୟ ଭଲ ହୋଇପାରନ୍ତା ବୋଲି କହିଛନ୍ତି ଗରିବ ଆଦିବାସୀ ନାଜିରା ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Tuesday October 12, 2021 ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୧୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଏମ୍‌ଜି ଆଷ୍ଟୋରର ପ୍ରାରମ୍ଭିକ ମୂଲ୍ୟ ୯.୭୮ ଲକ୍ଷ ଟଙ୍କା ରହିଛି




ଭୁବନେଶ୍ୱର : ଏମ୍‌ଜି ମୋଟର ଇଣ୍ଡିଆ ଭାରତର ପ୍ରଥମ ବ୍ୟକ୍ତିଗତ ଏଆଇ ସହାୟକ ତଥା ପ୍ରଥମ-ସେଗମେଂଟ ଅଟୋନୋମସ୍ (ସ୍ତର ୨) ଟେକ୍ନୋଲୋଜି ସହ ମଧ୍ୟମ ଆକାରର ଏସୟୁଭି ଏମ୍‌ଜି ଆଷ୍ଟୋର ଶୁଭାରମ୍ଭ ୯.୭୮ ଲକ୍ଷ ଟଙ୍କାରେ କରିଛି । ଗ୍ରାହକମାନେ ଏମ୍‌ଜିର ବିସ୍ତାରିତ ନେଟୱାର୍କ କିମ୍ବା (www.mgmotor. co.in), ପରିଦର୍ଶନକରି ଟେଷ୍ଟ ଡ୍ରାଇଭ୍ ଏବଂ ପ୍ରି-ରିଜର୍ଭ ଆଷ୍ଟୋର ବୁକିଂ କରିପାରିବେ। ୨୧ ଅକ୍ଟୋବର, ୨୦୨୧ ରେ ବୁକିଂ ଖୋଲିବ ଏବଂ ନଭେମ୍ବର ୨୦୨୧ ରେ ବଂଟନ କରିବା ଆରମ୍ଭ ହେବ। ଅତ୍ୟାଧୁନିକ ଜ୍ଞାନ କୌଶଳ ଏବଂ ଡିଜାଇନ୍ ଏକ୍ସିଲେନ୍ସ ସହିତ, ଆଷ୍ଟୋର ପ୍ରିମିୟମ୍ ମଧ୍ୟମ ଆକାରର ଏସ୍‌ୟୁଭି ସେଗମେଂଟରେ ପୋଜିସନ କରାଯାଇଛି। ଗ୍ରାହକମାନେ ଷ୍ଟାଇଲ୍‌ରୁ ଆରମ୍ଭକରି ସୁପର, ସ୍ମାର୍ଟ ଏବଂ ଟପ୍-ଅଫ୍-ଲାଇନ ସାର୍ପ୍ ପର୍ଯ୍ୟନ୍ତ ଭାରିଏଂଟ ଗୁଡିକ ମଧ୍ୟରେ ଚୟନ କରିପାରିବେ। ଏମ୍‌ଜି ଆଷ୍ଟୋର ଏକ ଷ୍ଟାଣ୍ଡାର୍ଡ୍ ୩-୩-୩ ପ୍ୟାକେଜ ସହିତ ଆସିଥାଏ ଯେଉଁଥିରେ ତିନିବର୍ଷ / ଅନ୍‌ଲିମିଟେଡ କିଲୋମିଟର ୱାରେଂଟି, ତିନିବର୍ଷର ରୋଡ୍‌ସାଇଡ ଆସିଷ୍ଟାଂଟ ଏବଂ ତିନୋଟି ଲେବର ଫ୍ରି -ପିରିଅଟିକ୍ ସେବା ଅନ୍ତର୍ଭୁକ୍ତ। ମାଇଁ ଏମ୍‌ଜି ସିଲ୍ଡ ପ୍ରୋଗ୍ରାମ ସହିତ, ଆଷ୍ଟୋର ଗ୍ରାହକ ମାନଙ୍କର ମଧ୍ୟ ୱାରେଂଟି ଏକ୍ସଟେନ୍ସନ୍ ଏବଂ ପ୍ରୋଟେକ୍ଟ ପ୍ଲାନ୍ସ ହିତ ସେମାନଙ୍କର ମାଲିକାନା ପ୍ୟାକେଜ୍ ବାଛିବା ଏବଂ ବ୍ୟକ୍ତିଗତ କରିବା ପାଇଁ ଫ୍ଲେକ୍ସିବିଲିଟି ରହିଛି।ଏକ ଲକ୍ଷକିଲୋ ମିଟର ପର୍ଯ୍ୟନ୍ତ ଗଣନା କରାଯାଇ ଆଷ୍ଟୋରର ମାଲିକାନା ମୂଲ୍ୟ କିଲୋମିଟର ପିଛାମାତ୍ର ୪୭ ପଇସା। ଆଷ୍ଟୋର ମଧ୍ୟ ସେଗମେଂଟ ପ୍ରଥମ ୩-୬୦ ପ୍ରୋଗ୍ରାମ ସହିତ ଆସିଥାଏ, ଏକ ନିଶ୍ଚିତ ବାଏ ବ୍ୟାକ୍ ଯୋଜନା ଯେଉଁଥିରେ ଗ୍ରାହକ ମାନେ ତିନିବର୍ଷର କ୍ରୟ ସମାପ୍ତ ହେବାପରେ ଆଷ୍ଟୋରର ଏକ୍ସ-ଶୋ'ରୁମମୂଲ୍ୟର ୬୦ଶତକଡା ପାଇବେ। ପ୍ରୋଗ୍ରାମର ପ୍ରଦର୍ଶନ ପାଇଁ ଏମ୍‌ଜି ଇଣ୍ଡିଆ କାର୍ଡେଖୋ ସହିତ ସହଭାଗୀ ହୋଇଛି ଏବଂ ଆଷ୍ଟୋର ଗ୍ରାହକମାନେ ଏହାକୁ ଅଲଗା ଭାବରେ ଲାଭ କରିପାରିବେ।ଏହି ଅବସରରେ ଏମ୍‌ଜି ମୋଟର ଇଣ୍ଡିଆରର, ସଭାପତି ତଥା ଏମ୍‌ଡି, ରାଜୀବ ଚାବା କହିଛନ୍ତି, ସୁପ୍ରତିଷ୍ଠିତ ବ୍ରାଣ୍ଡ ଐତିହ୍ୟ ଉପରେ ଆଧାର କରି ଭବିଷ୍ୟତର ଗତିଶୀଳତାର ଅଭିବ୍ୟକ୍ତିରେ ଆଷ୍ଟୋରକୁ ପ୍ରସ୍ତୁତ କରାଯାଇଛି । ବୈଶିଷ୍ଟ୍ୟ ସହିତ ସମୃଦ୍ଧ ଏବଂ ନୂତନ ଟେକ୍ନୋଲୋଜି ଏହି ସେଗମେଂଟ ପ୍ରଥମ ଏବଂ ଆମେ ବିଶ୍ୱାସକରୁ ଯେ ଆଷ୍ଟୋର ସେଗମେଂଟରେ ଏକ ନୂତନ ମାନଦଣ୍ଡ ସ୍ଥିର କରିବ। କାରଟି ଆକର୍ଷଣୀୟ ମୂଲ୍ୟଯୁକ୍ତ ଥିବାବେଳେ, ମାଇଁ ଏମ୍‌ଜି ସିଲ୍ଡ ଗ୍ରାହକ ମାନଙ୍କୁ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରିବ ଏବଂ ପ୍ରତ୍ୟେକ ଥର ରୋମାଂଚକର ଅନୁଭୂତି ସୃଷ୍ଟି କରିବାରେ ସାହାଯ୍ୟ କରିଥାନ୍ତ । ଇମୋସନାଲ ଡାଇନାମିଜିମ ର ଏମ୍‌ଜିର ଗ୍ଲୋବାଲ ଡିଜାଇନ ଦର୍ଶନ ଅନୁଯାୟୀ ଷ୍ଟାଇଲ୍ ହୋଇଛି, ଆଷ୍ଟୋରର ସମସାମୟିକ ଦୃଶ୍ୟ ଅଛି ଯାହା ଗ୍ରାହକଙ୍କ ସହିତ ସଂଯୁକ୍ତ ହୋଇଥାଏ। ଆଷ୍ଟୋର ଆଇ ସ୍ମାଟ ଟେକ୍ନୋଲୋଜି ସ୍ମାର୍ଟ ଏବଂ ସାର୍ପ୍ ପ୍ରକାର ପାଇଁ ୮୦+ କନେକ୍ଟେଡ ବୈଶିଷ୍ଟ୍ୟ ସହିତ ଆସିଥାଏ। ଅଟୋନୋମସ ସ୍ତର ୨ ବୈଶିଷ୍ଟ୍ୟ ସହିତ ଏଡିଏଏସ୍୨୨୦ଟରବୋ ଏଟି ଟ୍ରାନ୍ସମିସନ ରେ ଉପଲବ୍ଧ ହେବ।

## ୯୩ଟି ଚୋରା ମୋବାଇଲ ଜବତ : ମୁଖ୍ୟ ଅଭିଯୁକ୍ତ ଓ ଦୋକାନୀ ଗିରଫ

ବାଲେଶ୍ୱର: ମୋବାଇଲ ଚୋରି ଘଟଣାରେ ସଦର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ସହ ଜଣେ ମୋବାଇଲ ଦୋକାନୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ଏହି ଥାନା ଅନ୍ତର୍ଗତ ବିଲପାରିଆ ଅଞ୍ଚଳର ଅଜୟ ସ୍ୱାଇଁ ଏବଂ ବଣପାରିଆ ଅଞ୍ଚଳର ମୋବାଇଲ ଦୋକାନୀ ଲୋକନାଥ ପ୍ରଧାନ। ଏହି ଗିରଫ ବେଳେ ଉଭୟଙ୍କ ନିକଟରୁ ୯୩ଟି ଚୋରା ମୋବାଇଲ ଜବତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଗତ ୯ ତାରିଖରେ ସଦର ଥାନା ଅନ୍ତର୍ଗତ ହରିଡ଼ା ଗ୍ରାମର ପର୍ଶୁରାମ ସେଠୀଙ୍କ ମୋବାଇଲ ଚୋରି ହୋଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଏବାବଦରେ ପୁଲିସ କେଶ ନଂ-୩୨୬/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପର୍ଶୁରାମ ମୋବାଇଲକୁ ପୁଲିସ ଟ୍ରାକିଂ ବେଳେ ତାହା ଜଣେ ମହିଳା ବ୍ୟବହାର କରୁଥିବା ଜଣା ପଡ଼ିଥିଲା।

## ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପ୍ରଥମ ବିରଳ ଶିଶୁ ପୁତ୍ର ଜନ୍ମ



ଭୁବନେଶ୍ୱର : ସକାଳେ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପ୍ରଥମ ବିରଳ ଶିଶୁ ପୁତ୍ର ଜନ୍ମ ହୋଇଅଛି । ଶିଶୁର ବାପାଙ୍କ ନାମ ପର୍ଶୁରାମ ବିଷୋୟୀ ଓ ଘର ଗଂଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ପାତ୍ରପୁର ହୋଇଥିବା ବେଳେ ତାଙ୍କ ମା'ଙ୍କ ଗ୍ରାମ ଛାମୁଣ୍ଡା ଅଟେ । ଏ ସମ୍ପର୍କରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶ୍ରୀତମ ସୌରଭ ସାହୁ କହନ୍ତି , ଏହା ଏକ ବଂଶଗତ ରୋଗ ଅଟେ । ଏହି ରୋଗରେ ଆକ୍ରାନ୍ତ ଶିଶୁଟିର ସାରା ଦେହ ଫାଟି ଥିବା ବେଳେ ଦୁଇ ଆଖି ଲାଲ୍ ରଙ୍ଗ ପରି ପିଣ୍ଡୁଳା ଆକୃତିର ହୋଇଅଛି । ଶିଶୁଟି ଜନ୍ମ ହେବା ପରେ ଡାକ୍ତର ସାହୁ ଉଭୟ ମା ଓ ଶିଶୁକୁ ବ୍ରହ୍ମପୁର ବଡ ମେଡିକାଲ୍‌କୁ ରେଫର କରିଛନ୍ତି ।

## ଜିଲ୍ଲାର ବିଭିନ୍ନ ଅଂଚଳରେ ଖାଦ୍ୟ ନିରାପତା ଟିମ୍‌ର ଚଢଉ

ବାଲେଶ୍ୱର: ପାର୍ବଣ ସମୟରେ ବାସି ଓ ନିମ୍ନ ମାନର ଖାଦ୍ୟ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ଖାଦ୍ୟ ନିରାପତା ଟିମ୍ ଦ୍ୱାରା ଗତ ୧୫ଦିନ ଧରି ଜିଲ୍ଲାର ବିଭିନ୍ନ ଅଂଚଳ ବିଶେଷ କରି ସହରାଂଚଳର ବିଭିନ୍ନ ହୋଟେଲ, ରେଷ୍ଟୋରାଣ୍ଟ, ମିଠା ଦୋକାନ, ଖାଦ୍ୟସାମଗ୍ରୀ ବିକ୍ରୀ କରୁଥିବା ରାସ୍ତାକଡ ଉଠାଦୋକାନ ପ୍ରଭୃତିରେ ଅଚାନକ ପରିଦର୍ଶନ ସହ ଚଢଉ ଜାରି ରହିଛି । ଆଜି ଏହି ଟିମ ଦ୍ୱାରା ବାଲେଶ୍ୱର ସହରର ମୋତିଗ, ନୂଆବଜାର, ଫକୀରମୋହନ ଗୋଲେଇ ଓ କୁରୁଡା ଅଂଚଳରେ ବିକ୍ରି ହେଉଥିବା ଖାଦ୍ୟପଦାର୍ଥର ଗୁଣାତ୍ମକ ମାନ ଯାଂଚ କରାଯାଇଥିଲା । ଏହି ଚଢଉ ସମୟରେ ପ୍ରାୟ ୫୦ କିଲୋ ବାସି ଖାଦ୍ୟ ଓ ମିଷ୍ଟାନ୍ନ ନଷ୍ଟ କରାଯିବା ସହ ଦୋକାନୀମାନଙ୍କ ଠାରୁ ୧୫ହଜାର ୬ଶହ ଟଙ୍କାର ଜୋରିମାନା ଆଦାୟ କରାଯାଇଛି । ନୀଳଗିରି ଓ ରେମୁଣା ଅଂଚଳରେ ଚଢଉ କରାଯାଇ ୫ହଜାର ୮ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ, ସୋର ଏବଂ କୁରୁଡା ଅଂଚଳରୁ ୫ହଜାର ୫ଶହ ଟଙ୍କା ଏବଂ ଜଳେଶ୍ୱର ଓ ବାଲେଶ୍ୱର ସହରାଂଚଳରୁ ୪ହଜାର ୩ଶହ ଟଙ୍କା ଜୋରିମାନା ଆଦାୟ ହୋଇଛି । ଖାଦ୍ୟ ଓ ମିଷ୍ଟାନ୍ନର ଗୁଣାତ୍ମକ ମାନ ବଜାୟ ରଖିବା ସହିତ ସେଗୁଡିକର ପ୍ରସ୍ତୁତ/ ତିଆରି ତାରିଖ ଏବଂ ଏକ୍ସପାରି(ସମାପ୍ତି) ତାରିଖ ଉଲ୍ଲେଖ କରିବାକୁ ସମସ୍ତ ଦୋକାନୀକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ଖିଲାପ କଲେ ଫୁଡ୍ ଲାଇସେନ୍ସ ବାତିଲ କରାଯିବା ସହିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ଅନୁଶ୍ରୀ ଖଟୁଆ, ସ୍ୱାସ୍ଥ୍ୟ ସୁପରଭାଇଜର ଶ୍ରୀ ଗଦାଧର ବେହେରାଙ୍କ ସମେତ ବିଭାଗୀୟ କର୍ମଚାରୀ ଶ୍ରୀ ନିତ୍ୟାନନ୍ଦ ପତି, ଶ୍ରୀ ରାମଚନ୍ଦ୍ର ପତି ଏବଂ ଶ୍ରୀ ହରିହର ଦାସ ପ୍ରମୁଖଙ୍କ ନେଇ ଗଠିତ ଏହି ଖାଦ୍ୟ ନିରାପତା ଟିମ୍ ଦ୍ୱାରା ଆଗକୁ ନିୟମିତ ଭାବେ ଏଭଳି ଚଢଉ ଜାରି ରହିବ ବୋଲି ସୂଚନା ମିଳିଛି । ଏଥି ସହ ଖାଦ୍ୟ ସାମଗ୍ରୀ ବିକ୍ରୀ କରୁଥିବା ଦୋକାନୀମାନଙ୍କୁ ଖାଦ୍ୟ ଏବଂ ମିଷ୍ଟାନ୍ନର ଗୁଣବତା ଉପରେ ଉପଯୁକ୍ତ ଧ୍ୟାନ ଦେବା ପାଇଁ ପରାମର୍ଶ ଦିଆଯାଇଛି ।

# ବିଶ୍ୱ ଓଡ଼ିଶା ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ: କିଶୋର ଦ୍ୱିବେଦୀ ଅଧ୍ୟକ୍ଷ, ନଳିନୀ ପତି ଓ ରୁପା ଦାଶ ଉପାଧ୍ୟକ୍ଷ ନିର୍ବାଚିତ




ଲସ୍‌ଆଲେସ୍ / ଦୁବାଇ / ମସ୍କୋ / ଲଣ୍ଡନ / ଆମ୍‌ଷ୍ଟରଡମ୍ / ସିଙ୍ଗାପୁର / କାନ୍‌ବେରା / ଅକ୍‌ଲ୍ୟାଣ୍ଡ / ଅହମ୍ମଦାବାଦ / ନୂଆଦିଲ୍ଲୀ / କୋଲକାତା / ଭୁବନେଶ୍ୱର : ବିଶ୍ୱ ଓଡ଼ିଶା ସମାଜ (ବିଓସ)ର ନୂତନ କର୍ମକର୍ତ୍ତା ନିର୍ବାଚନ ଆଭାସି ମତଦାନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ସର୍ବସମ୍ମତିକ୍ରମେ ବିଶ୍ୱଭରି ପ୍ରବାସୀ ଓଡ଼ିଆମାନଙ୍କର ଏହି ଶୀର୍ଷ ସଂଗଠନର ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ଜଣାଯାଇଛି। ଦୁଇ ଉପାଧ୍ୟକ୍ଷ ଭାବେ ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ସଭାପତି ଡଃ ନଳିନୀ ପତି ଏବଂ ଆମେରିକାରେ ଅବସ୍ଥାପିତ ବିଶ୍ୱ ମହିଳା ପ୍ରତିଷ୍ଠାନର ଅଧକ୍ଷା ରୁପା ଦାଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେକ୍ରେଟାରୀ ଜେନେରାଲ ଭାବେ ମାଞ୍ଚେଷ୍ଟର ନିବାସୀ ଓଡ଼ିଆ ସମାଜ ୟୁ.କେର ସାଧାରଣ ସମ୍ପାଦକ ଶିବ ରନ ବିଶ୍ୱାଳ ଏବଂ ଦୁଇ ଯୁଗ୍ମ ସେକ୍ରେଟାରୀ ଜେନେରାଲଭାବେ ନେଦରଲ୍ୟାଣ୍ଡ ଓଡ଼ିଆ ସମାଜର ସଭାପତି ଶାଶ୍ୱତ ପାଢ଼ୀ ଏବଂ ସେଓଲର ଅଧିବାସୀ ଡଃ ଶିତାଂଶୁ ଶେଖର ନନ୍ଦ ନିର୍ବାଚିତ ହୋଇଛନ୍ତି। ବିଓସର ଆନ୍ତର୍ଜାତିକ ଆବାହକଭାବେ ରୁସ୍ ଓଡ଼ିଆ ସାମଜର ସଭାପତି ସନ୍ତୋଷ ମିଶ୍ର ନିର୍ବାଚିତ ହୋଇଛନ୍ତି। ପାଞ୍ଚଜଣିଆ ପ୍ରେସିଡିଅମ୍‌ର ସଦସ୍ୟ ଭାବେ ୟୁ.ଏ.ଇ ଓଡ଼ିଶା ସମାଜର ସଭାପତି ଅମୀୟ ମିଶ୍ର, ଆବୁଧାବୀ ଓଡ଼ିଆ ସମାଜର ସଭାପତି ପ୍ରଦୀପ ରଥ, ଘାନା ଉତ୍କଳ ସଂଘର ସଭାପତି ଦୀପକ ଦାସ, ଇଣ୍ଡୋନେସିଆର ଦେବର୍ଶୀ ମଲ୍ଲିକ ଏବଂ ଅହମ୍ମଦାବାଦରେ ଅବସ୍ଥାପିତ ବଦ୍ରି ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବିଓସର ଆନ୍ତର୍ଜାତିକ ସଂଯୋଜକଭାବେ ଆମେରିକାର ଅକ୍ଷୟ ମହାନ୍ତି ଏବଂ ଯୁଗ୍ମ ସଂଯୋଜକ ଭାବେ ସିଙ୍ଗାପୁରର ବନୋଜିନୀ ନାୟକ ନିର୍ବାଚିତ ହୋଇଛନ୍ତି। ଜାତୀୟ ସଂଯୋଜକ ଭାବେ କୋଲକାତାର ପ୍ରଦୀପ ମହାପାତ୍ର ଏବଂ ଜାତୀୟ ଯୁଗ୍ମ ସଂଯୋଜକ ଭାବେ ବେଙ୍ଗାଲୁରୁର ଲକ୍ଷ୍ମୀନାରାୟଣ ମିଶ୍ର ନିର୍ବାଚିତ ହୋଇଛନ୍ତି। କୋଷାଧକ୍ଷ ଭାବେ ଭୁବନେଶ୍ୱରର ସୁଶାନ୍ତ ପଣ୍ଡା, ଯୁଗ୍ମ କୋଷାଧକ୍ଷ ଭାବେ ଆବୁଧାବୀ ବାସିନ୍ଦା ସିଦ୍ଧାର୍ଥ ଦାସ ଏବଂ ଅଡିଟର ଭାବେ ନୂଆଦିଲ୍ଲୀରେ ଅବସ୍ଥାପିତ ଚାଟାର୍ଡ ଏକାଉଣ୍ଟାଣ୍ଟ ସୁଧୀର ଦାଶ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ କର୍ମକର୍ତ୍ତାମାନେ ତିନି ବର୍ଷ ପାଇଁ ସେମାନଙ୍କର ଦାୟିତ୍ୱ ଭାର ନିର୍ବାହ କରିବେ। ବିଶ୍ୱ ଓଡ଼ିଶା ସମାଜର ନୂଆ ସାଧାରଣ ସମ୍ପାଦକ ସଂଗଠନ ଭାବରେ ନୂଆଦିଲ୍ଲୀର ଗଜେନ୍ଦ୍ର ସାହୁ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ସଂଗଠନ ପଦବୀରେ ରୁଆଣ୍ଡାର ଅଭିଳାସ ନନ୍ଦ ଓ ନିଉଜିଲ୍ୟାଣ୍ଡର ପ୍ରେମ ନେପାକ ନିର୍ବାଚିତ ହୋଇଛନ୍ତି। ବିଓସର ସୁସ୍ଥତା ସାଧାରଣ ସମ୍ପାଦକ ଭାବେ ବେଙ୍ଗାଲୁରୁର ପ୍ରଖ୍ୟାତ ସ୍ନାୟୁ ରୋଗ ବିଶେଷଜ୍ଞ ଡ. ପ୍ରତାପ ପାଣି ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ନୂଆଦିଲ୍ଲୀର ଡ. ଅଶୋକ ଚୌଧୁରୀ ଓ ମାଲେସିଆର ଡ. ସ୍ନିଗ୍ଧା ମିଶ୍ର ନିର୍ବାଚିତ ହୋଇଛନ୍ତି। ଅନ୍ୟାନ୍ୟ ପଦ ପଦବୀ ମଧ୍ୟରେ ଆଇଟି ସାଧାରଣ ସମ୍ପାଦକ ଭାବେ ଭୁବନେଶ୍ୱରର ଡଃ ରବିନାରାୟଣ ବେହେରା ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଆମେରିକାର ଜୀବନ କାନୁନ୍‌ଗୋ ଓ ବେଙ୍ଗାଲୁରୁର ଆଶୁତୋଷ ଦାସ, ଜନ ସମ୍ପର୍କ ଏବଂ ପ୍ରୋଟୋକଲର ସାଧାରଣ ସମ୍ପାଦକ ଭାବେ ମୁମ୍ବାଇର କୃପାନିଧି ବିଶ୍ୱାଳ ଓ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ନୂଆଦିଲ୍ଲୀର ପ୍ରୀତମ ନାୟକ ଓ ଭୁବନେଶ୍ୱରର ସୁଚିସ୍ମିତା ପୃଷ୍ଟି, ସଂସ୍କୃତି ସାଧାରଣ ସମ୍ପାଦକ ଭାବେ ନୂଆଦିଲ୍ଲୀର କାବେରୀ ବେହେରା ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଅଷ୍ଟ୍ରେଲିଆର ସୁଲୀପ୍ତା ତ୍ରିପାଠୀ ଏବଂ ବ୍ରିଟେନ୍‌ର ଡ. ଭାଗ୍ୟଶ୍ରୀ ସିଂହ, ମାତୃଭାଷା ପ୍ରୋତ୍ସାହନର ସାଧାରଣ ସମ୍ପାଦକଭାବେ ଭୁବନେଶ୍ୱରର ପବିତ୍ର ମହାରଥା, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ କୁଏତ୍‌ର ତୁଷାର ମିଶ୍ର ଏବଂ ରାଞ୍ଚିର ବିନୟ ପଟ୍ଟନାୟକ, ପରିବେଶର ସାଧାରଣ ସମ୍ପାଦକଭାବେ ଭୁବନେଶ୍ୱରର ରାମକୃଷ୍ଣ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ପୁରୀର ମଧୁସୂଦନ ମିଶ୍ର ଏବଂ ରୁଆଣ୍ଡାର ବି.ବି. ଗଡ଼ନାୟକ, ବ୍ୟନ ପ୍ରସ୍ତୁତିକରଣର ସାଧାରଣ ସମ୍ପାଦକ ଭାବେ କାନାଡ଼ାର ପ୍ରଶାନ୍ତ ଭୂୟାଁ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ନୂଆଦିଲ୍ଲୀର ପୁଷ୍ପାଳି ବାରିକ ଏବଂ ଚେନ୍ନାଇର ମିତାସ୍ମିତା ଜେନା ବଳ, ବ୍ରାଣ୍ଡ୍ ପ୍ରସାରଣର ସାଧାରଣ ସମ୍ପାଦକ ଭାବେ ସୁଇଜରଲ୍ୟାଣ୍ଡର ଅକ୍ଷୟ ପାତ୍ର ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଭୁବନେଶ୍ୱରର ସୁଦୀପ୍ତ ପଟ୍ଟନାୟକ ଏବଂ ହାଇଦ୍ରାବାଦର ସୟ ଦାସ ଏବଂ ଆଧ୍ୟାତ୍ମିକତାର ସାଧାରଣ ସମ୍ପାଦକ ଭାବେ ବ୍ରିଟେନର ଜୟଶ୍ରୀ ନନ୍ଦ ଓ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ପୁରୀର ରାମଚନ୍ଦ୍ର ବଡ଼ପଣ୍ଡା ତଥା ବ୍ରହ୍ମପୁରର ଡଃ ସାଗର ରନ ତ୍ରିପାଠୀ ନିର୍ବାଚିତ ହୋଇଥିବା ପ୍ରାପ୍ତ ସୂଚନାରୁ ପ୍ରକାଶ। ଶ୍ରୀ ସାହିତ୍ୟର ସମ୍ପାଦକ କୃଷ୍ଣ ନାୟକ ବିଓସର ମୁଖ୍ୟ ମିଡିଆ ସଂଯୋଜକ ଏବଂ ନୂଆଦିଲ୍ଲୀର ପ୍ରଭାତୀ ନାୟକ ଓ ୟୁ.ଏ.ଇର ସୁଧାଶ୍ରୀ ଦାଶ ଯୁଗ୍ମ ମିଡିଆ ସଂଯୋଜକ ପଦବୀକୁ ନିର୍ବାଚିତ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ଆମ୍ବେଦକର ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ଦେବେନ୍ଦ୍ର ମାଝୀ ବିଶ୍ୱ ଓଡ଼ିଶା ସମାଜର ନୂଆ ମୁଖପାତ୍ର ହେବେ। ବିଓସର ପାଞ୍ଚଜଣିଆ ମୁଖପାତ୍ର ତାଲିକାରେ ଜାପାନର କୁନ୍ନା ଦାଶ, ନୂଆଦିଲ୍ଲୀର ସସ୍ମିତା ତ୍ରିପାଠୀ, ଭୁବନେଶ୍ୱରର ଜୟଶ୍ରୀ ମହାପାତ୍ର ଓ ମନୋଜ ନାୟକ ଏବଂ ଚେନ୍ନାଇର ସୀବ ପଟ୍ଟନାୟକ ପ୍ରମୁଖ ସ୍ଥାନ ପାଇଛନ୍ତି । କୋଲକାତାର ସୁନାମଧନ୍ୟ ସାହିତ୍ୟିକ ପୀତାମ୍ବର ବାରିକ ପ୍ରକାଶନ ବିଭାଗର ସମ୍ପାଦକ ହେବେ। ଚାରିଜଣ ନୂତନ ଅତିରିକ୍ତ ସମ୍ପାଦକ ମଣ୍ଡଳୀରେ କାନାଡ଼ାର ଡଃ ତନ୍ମୟ ପଣ୍ଡା, ନୂଆଦିଲ୍ଲୀର ଡଃ ଅନୀତା ପଣ୍ଡା ଏବଂ ଭୁବନେଶ୍ୱରରୁ ଡଃ ସୁନୀତ ମୁଣ୍ଡ ଓ ଜୀତୁ ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ହୋଇଛନ୍ତି। ବିଓସର ଆଇନ ପରାମର୍ଶଦାତା ଭାବରେ ଲବ୍ଧପ୍ରତିଷ୍ଠ ଆଇନଜ୍ଞ ନୂଆଦିଲ୍ଲୀର ଶିବଶଙ୍କର ମିଶ୍ର, କୋରାପୁଟର ଅଜୀତ ପାତ୍ର ଏବଂ ଭୁବନେଶ୍ୱରର ପ୍ରଶାନ୍ତ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ବିଶ୍ୱ ଓଡ଼ିଶା ସମାଜର ମହିଳା ଶାଖାର ସଭାପତି ଭାବେ କାନାଡ଼ାର ଡଃ ସୁନନ୍ଦା ମିଶ୍ର ପଣ୍ଡା, ଉପସଭାପତି ଭାବେ ଅଷ୍ଟ୍ରେଲିଆର ଡଃ ପ୍ରଭାତୀ ପାଣିଗ୍ରାହୀ, ନୂଆଦିଲ୍ଲୀର ରୀତା ପାତ୍ର, ସାଧାରଣ ସମ୍ପାଦକ ଭାବେ ଭୁବନେଶ୍ୱରର ଡଃ ଚିଦାତ୍ମିକା ଖଟୁଆ ଓ ଦୁଇ ଯୁଗ୍ମ ସାଧାରଣ ସମ୍ପାଦକଭାବେ ନୂଆଦିଲ୍ଲୀର ଡଃ ସାଗରିକା ବର୍ମା ଏବଂ ବେଙ୍ଗାଲୁରୁର ସୀମିତା ଷଡ଼ଙ୍ଗୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବିଓସର ଯୁବ ଶାଖାର ମେଣ୍ଟରଭାବେ ଅଷ୍ଟ୍ରେଲିଆର ରାମ ପ୍ରସାଦ ମହାନ୍ତି ଏବଂ ଯୁବ ଟିମ୍‌ର ସଦସ୍ୟ ଭାବେ ବ୍ରିଟେନର ଶ୍ୱେତଲାନା ନନ୍ଦ, ନୂଆଦିଲ୍ଲୀ ନନ୍ଦନ ଦ୍ୱିବେଦୀ ଏବଂ ୟୁ.ଏ.ଇର ଅମ୍ରିତ ବାହିନୀପତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ କାବେରୀ ବେହେରା ଅତିରିକ୍ତ ଭାବେ ଅଫିସ ପ୍ରଶାସନର ସାଧାରଣ ସମ୍ପାଦକ ଦାୟିତ୍ୱ ଏବଂ ବନୋଜିନୀ ନାୟକ ଓ ଶିତାଂଶୁ ଶେଖର ନନ୍ଦ ଅତିରିକ୍ତଭାବେ ଅଫିସ ପ୍ରଶାସନର ଯୁଗ୍ମ ସାଧାରଣ ସମ୍ପାଦକ ପଦଭାର ବହନ କରିବେ ବୋଲି ଜଣାଯାଇଛି। ରିଟର୍ଣ୍ଣିଂ ଅଫିସର ସୁଧୀର ଦାଶଙ୍କର ତତ୍ତ୍ୱାବଧାନରେ ଡିଜିଟାଲ ମଞ୍ଚରେ ନିର୍ବାଚନ ସୁରୁଖୁରୁରେ ସମାପନ ହେବା ପରେ ଶ୍ରୀ ଦାଶ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରିଥିଲେ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray